ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook, YouTube, Twitter

ବର୍ଷ-୬ | ସଂଖ୍ୟା-୯୪ | ଗୁରୁବାର | ୨୬ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-94 | Thursday | 26 June 2025 | Bhubaneswar | Pages-8 | Rs. 2.00

# ଇତିହାସ ରଚିଲେ ଶୁଭାଂଶୁ

## ୪୧ ବର୍ଷ ତଳେ ରାକେଶ ଶର୍ମା କରିଥିଲେ ରେକର୍ଡ



### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୫।୬ (ହି.ସ): ଭାରତୀୟ ବାୟୁସେନା ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ବୁଧବାର ମହାକାଶ ଯାତ୍ରା କରିଛନ୍ତି । ଏନେଇ ଶୁଭାଂଶଙ୍କୁ ସୋସିଆଲ ମିଡିଆ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଲେଖିଛନ୍ତି, ଭାରତ ପାଇଁ ମହାକାଶରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିପାରିଛନ୍ତି ଶୁଭାଂଶୁ । ସମଗ୍ର ଦେଶ ଶୁଭାଂଶୁଙ୍କ ଯାତ୍ରା ପାଇଁ ଉତ୍ସାହିତ ଓ ଗର୍ବିତ । ଭାରତ, ଆମେରିକା, ପୋଲାଣ୍ଡ, ହଙ୍ଗେରୀ ଆକ୍ସିଅମ ମିଶନ ୪ରେ ସାମିଲ ହୋଇଛନ୍ତି । ମହାକାଶଚାରୀ ପ୍ରମାଣ କରିଛନ୍ତି ଯେ, ବିଶ୍ୱ ଗୋଟିଏ ପରିବାର 'ବସୁଧୈବ କୁଟୁମ୍ବକମ୍' ବୋଲି ରାଷ୍ଟ୍ରପତି ଲେଖିଛନ୍ତି । ସେହିପରି ଭାରତୀୟ ବାୟୁସେନା ମଧ୍ୟ ଶୁଭାଂଶୁଙ୍କୁ ଶୁଭେଚ୍ଛା • ପୃଷ୍ଠା ୭ ଦେଖନ୍ତୁ...

ନୂଆଦିଲ୍ଲୀ, ୨୫।୬ (ହି.ସ): ୧୯୮୪ ମସିହାର କଥା । କାଜାଖସ୍ତାନର ଗୋଟିଏ ଶୀତୁଆ ସକାଳ । ଆଉ ଏହି ସକାଳରେ ସୋଭିଏତ ସ୍ପେସକ୍ରାଫ୍ଟ ଉଡ଼ାଣ ଭରିଥିଲା । ଏହା ଭିତରେ ଥିଲେ ଭାରତୀୟ ବାୟୁ ସେନାର ଜଣେ ଯୁବ ଅଫିସର । ସେହି ଅଫିସର ଜଣଙ୍କ ହେଉଛନ୍ତି ସ୍କ୍ୱାର୍ଡର୍ନ ଲିଡର ରାକେଶ ଶର୍ମା । ସୋୟୁଜ ଟ-୧୧ର ଇଞ୍ଜିନ ଝଡ଼ ଭଳି ଶବ୍ଦ କରି ଉଡ଼ାଣ ଭରିଥିଲା । ମାତ୍ର କିଛି ମିନିଟ ମଧ୍ୟରେ ମହାକାଶକୁ ଉଡ଼ାଣ ଭରିଥିଲେ ରାକେଶ ଶର୍ମା । ସେ ପ୍ରଥମ ଭାରତୀୟ ଭାବେ ମହାକାଶକୁ ଉଡ଼ାଣ ଭରିବାର ରେକର୍ଡ କରିଥିଲେ । ସେହି ସମୟର ଅନୁଭୂତି ବେଶ ସ୍ମରଣୀୟ ଥିଲା । ଏବେ ୪୧ ବର୍ଷ ପରେ ସେହି ମୁହୂର୍ତ୍ତ ଫେରିଛି । ଭାରତର ମହାକାଶ ଯାତ୍ରାରେ ନୂଆ ଅଧ୍ୟାୟ ଯୋଡ଼ି ହୋଇ ଯାଇଛି । ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଉଡ଼ାଣ ଭରିଛନ୍ତି । ସେହିପରି ସେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନ ମିଶନରେ ସାମିଲ ହେବାର କୀର୍ତ୍ତିମାନ ମଧ୍ୟ ହାସଲ କରିଛନ୍ତି । ରାକେଶ ଶର୍ମାଙ୍କ ଐତିହାସିକ ମହାକାଶ ଯାତ୍ରାର ଗୋଟିଏ ବର୍ଷ ପରେ ଅର୍ଥାତ ୧୯୮୫ ମସିହାରେ ଶୁଭାଂଶୁ ଶୁକ୍ଲା ଜନ୍ମ ଗ୍ରହଣ କରିଥିଲେ । ଏବେ ସେ ମହାକାଶକୁ ଉଡ଼ାଣ ଭରି ଇତିହାସ ସୃଷ୍ଟି କରିଛନ୍ତି । ଭାରତୀୟ ଏୟାର ଫୋର୍ସର ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ଏବେ ଜଣେ ମହାକାଶଚାରୀ । ସେ ସ୍ପେସଏକ୍ସର ଡ୍ରାଗନ ସ୍ପେସକ୍ରାଫ୍ଟ ଜରିଆରେ ଫ୍ଲୋରିଡାରେ ଥିବା କେନେଡୀ ସ୍ପେସ ସେଣ୍ଟରରୁ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନ ଅଭିମୁଖେ ଉଡ଼ାଣ ଭରିଛନ୍ତି । ଆକ୍ସିଅମ ସ୍ପେସ ଏଏକ୍ସ-୪ ମିଶନ ଜରିଆରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ଅନ୍ତରୀକ୍ଷକୁ ଯାଇଛନ୍ତି । ଗୁରୁବାର ଭାରତୀୟ ସମୟ ଦିନ ୧୨ଟା ୧ରେ ଲଞ୍ଚ ହୋଇଛି ଆକ୍ସିଅମ୍-୪ ମିଶନ । କେନେଡୀ ସ୍ପେସ୍ ସେଣ୍ଟରର ଲଞ୍ଚ କମ୍ପ୍ଲେକ୍ସ ୩୯ଇରୁ ଉତକ୍ଷେପଣ ହୋଇଛି 'ସ୍ପେସ୍ ଏକ୍ସ'ର ଶକ୍ତିଶାଳୀ ଫାଲକନ୍-୯ ରକେଟ୍ । ଡ୍ରାଗନ୍ ସ୍ପେସ କ୍ୟାପସୁଲରେ ସ୍ପେସ ଷ୍ଟେସନକୁ ଯାଇଛନ୍ତି ୪ ମହାକାଶଚାରୀୟ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଆକ୍ସିଅମ-୪ର ମିଶନ ପାଇଲଟ୍ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଛନ୍ତି । ଏହି ମିଶନରେ ଭାରତ, ଆମେରିକା, ପୋଲାଣ୍ଡ୍ ଓ ହଙ୍ଗେରୀର ୪ ମହାକାଶଚାରୀ ସାମିଲ ହୋଇଛନ୍ତି । ୪ ଦଶନ୍ଧି ମଧ୍ୟରେ ଏହା ଭାରତ, ପୋଲାଣ୍ଡ୍ ଓ ହଙ୍ଗେରୀର ପ୍ରଥମ ମହାକାଶ ଅଭିଯାନ । ଶୁଭାଂଶୁଙ୍କ ବ୍ୟତୀତ ଆମେରିକାର ପେଗି ହ୍ୱିଟସନ୍, ହଙ୍ଗେରୀର ଟିବୋର୍ କାପୁ ଓ ପୋଲାଣ୍ଡର ସ୍ଲାବୋଜ୍ ଉଜନାସ୍କି ୱିସନାସ୍କି ଏହି ଐତିହାସିକ ଯାତ୍ରାରେ ସାମିଲ ହୋଇଛନ୍ତି । ଆକ୍ସିଅମ୍-୪ ମିଶନ ଏକ ଘରୋଇ ମହାକାଶ ଅଭିଯାନ । ଭାରତର ଶୁଭାଂଶୁଙ୍କ ସମେତ ୩ ମହାକାଶଚାରୀଙ୍କ ଏହା ପ୍ରଥମ ସ୍ପେସ୍ ମିଶନ୍ । ୨୮ ଘଣ୍ଟାର ଯାତ୍ରା ପରେ ଇଣ୍ଟରନ୍ୟାସନାଲ ସ୍ପେସ ଷ୍ଟେସନରେ ସେମାନେ ପହଞ୍ଚିବେ । ଗୁରୁବାର ଭାରତୀୟ ସମୟ ଅପରାହ୍ନ ପ୍ରାୟ ୪ଟା ୩୦ ବେଳେ ସ୍ପେସ ଷ୍ଟେସନରେ ପହଞ୍ଚି ଏହା ଡକିଂ ହେବ । ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନରେ ପ୍ରାୟ ୧୪ ଦିନ ରହି ସମସ୍ତ ମହାକାଶଚାରୀ ପୃଥିବୀକୁ ଫେରିବ । ପ୍ରାୟ ୧୪ ଦିନ ରହଣୀ ଭିତରେ ୩୧ ଦେଶର ୬୦ଟି ଏକ୍ସପେରିମେଣ୍ଟ କରାଯିବ ବୋଲି ଜଣାପଡ଼ିଛି । ଏହି • ପୃଷ୍ଠା ୭ ଦେଖନ୍ତୁ...

## ଡିଜିଟାଲ ସେବା ପ୍ରଦାନରେ ଇ-ରେଜିଷ୍ଟ୍ରେସନ ଆପ୍ ସରକାରଙ୍କ ବଡ଼ ମାଇଲଷ୍ଟୋନ୍



ଭୁବନେଶ୍ୱର, ୨୫।୬ (ହି.ସ): ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଖୁବ୍ ସଫଳ । ଗତ ବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ ହୋଇଥିଲା । ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ରହିଛି । ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବାକୁ ପଡିବ । ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ ମୋବାଇଲ ଆପର ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି । ଆପର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇ-ରେଜିଷ୍ଟ୍ରେସନ ଆପ୍ ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ ମାଇଲଷ୍ଟୋନ୍ । ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମାଧ୍ୟମରେ ରେଜିଷ୍ଟ୍ରେସନ ଡିଡ୍ ପାଇଁ ସ୍ଲଟ୍ ବୁକିଙ୍ଗ, ସାର୍ଟିଫାଏଡ୍ କପି ଓ ଇସି ପାଇଁ ଆବେଦନ କରିପାରିବେ । ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ । ଏହି ଆପରେ ସବ୍-ରେଜିଷ୍ଟ୍ରାର ଅଫିସ୍ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ । ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାସଲେସ ହୋଇପାରିଛି । ଏହାଦ୍ୱାରା ସବ୍-ରେଜିଷ୍ଟ୍ରାର ଅଫିସରେ ଅଯଥା ଭିଡ଼ ମଧ୍ୟ ହ୍ରାସ ହୋଇପାରିବ । ରାଜସ୍ୱ ବିଭାଗର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନା ମାଧ୍ୟମରେ ସରକାର ୧୬, ୭୨୭ଜଣ ବାସଗୃହ ବିହୀନ ଲୋକଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେଇଛନ୍ତି । ଗତ ଏକ ବର୍ଷ ମଧ୍ୟରେ ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪,୬୧,୬୦୨ ଖାତାକୁ ସର୍ବେକ୍ଷଣ କରାଯାଇ ୧,୧୬,୪୮୬ଜଣ ମୃତ ଲୋକଙ୍କ ରେକର୍ଡ ଗୁଡିକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି । ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି । ସେ ପୁଣି କହିଥିଲେ, ଗତ ଏକ ବର୍ଷ ମଧ୍ୟରେ ରାଜସ୍ୱ ବିଭାଗ ହାସଲ କରିଥିବା ସଫଳତାକୁ ନେଇ ଯେଉଁ ପୁସ୍ତିକା ପ୍ରକାଶ କରିଛନ୍ତି, ତାହା କେବଳ କାର୍ଯ୍ୟକଳାପର ଏକ ତାଲିକା ନୁହେଁ, ଏହା ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ ଦାୟିତ୍ୱବାନ ପ୍ରଶାସନିକ ବ୍ୟବସ୍ଥା, ଦକ୍ଷତା ଓ ଲୋକାଭିମୁଖୀ କାର୍ଯ୍ୟକ୍ରମର ଏକ ପ୍ରମାଣ । ରାଜସ୍ୱ ବିଭାଗ ଏବେ ଲୋକଙ୍କ ନିକଟତର ହେଉଛି । ରାଜ୍ୟ ସରକାର ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଏବେ ବ୍ୟାପକ ସଂସ୍କାର ଆଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉଲ୍ଲେଖନୀୟ କାର୍ଯ୍ୟପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମକୁ ଅଧିକ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହ କାମ କରିବାକୁ ପଡିବ । ଲୋକମାନେ ଆମ ଉପରେ ଅନେକ ଆଶା ଓ ଭରସା ରଖିଛନ୍ତି, ତାହାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମକୁ ଦାୟିତ୍ୱବାନ ହେବାକୁ ପଡିବ । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସଂହଦେଓ କହିଥିଲେ, ଲୋକଙ୍କ ସରକାର ଲୋକଙ୍କ କାମ କରୁଛନ୍ତି । ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ଭାବେ ସଫଳତାର ସହ ଯୋଜନା • ପୃଷ୍ଠା ୭ ଦେଖନ୍ତୁ...

## ସମ୍ବିଧାନ ହତ୍ୟା ଦିବସରେ ଜରୁରୀକାଳ ବିରୁଦ୍ଧ ସଂଘର୍ଷରେ ସାମିଲ ସମସ୍ତ ଯୋଦ୍ଧାଙ୍କୁ ସଲାମ କଲେ ମୋଦି

ନୂଆଦିଲ୍ଲୀ, ୨୫।୬ (ପିଆଇବି): ଦେଶରେ ୧୯୭୫ ମସିହାରେ ଥୋପାଯାଇଥିବା ଜରୁରୀକାଳ ବିରୋଧୀ ସଂଘର୍ଷରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି 'ସଂବିଧାନ ହତ୍ୟା ଦିବସ' ଅବସରରେ ଏହି କଳା ଅଧ୍ୟାୟରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଯୋଦ୍ଧାଙ୍କୁ ସଲାମ ଜଣାଇଛନ୍ତି । ସେ ତାଙ୍କର ଏକ୍ସ ହ୍ୟାଣ୍ଡେଲ୍‌ରେ ଲେଖିଛନ୍ତି ଯେ, 'ଆମେ ଆମ ସଂବିଧାନରେ ନିହିତ ସିଦ୍ଧାନ୍ତଗୁଡ଼ିକୁ ଶକ୍ତିଶାଳୀ କରିବା ଓ ବିକାଶଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସଂଘବଦ୍ଧ ଭାବରେ କାମ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ । ଆମେ ବିକାଶର ନୂଆ ଶିଖରକୁ ଛୁଇଁବା ଓ ଗରିବ ଓ ବଞ୍ଚିତମାନଙ୍କ ସ୍ୱପ୍ନ ପୂରଣ କରିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସଂବିଧାନ ହତ୍ୟା ଦିବସ' ସନ୍ଦର୍ଭରେ ଏକ୍ସରେ କେତେକ ପୋଷ୍ଟ କରିଛନ୍ତି । ତାଙ୍କ ଏକ ଅନ୍ୟ ପୋଷ୍ଟରେ ସେ ଲେଖିଛନ୍ତି ଯେ, ଆମେ ଜରୁରୀକାଳ ବିରୋଧୀ ସଂଘର୍ଷରେ ଦୃଢ଼ ଭାବେ ତିଷ୍ଠି ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଲାମ କରୁଛୁ ! ସେମାନେ ସମ୍ପୂର୍ଣ୍ଣ ଭାରତରୁ, ପ୍ରତ୍ୟେକ କ୍ଷେତ୍ର ଓ ବିଭିନ୍ନ ଚିନ୍ତାଧାରାରୁ ଆସିଥିଲେ, କିନ୍ତୁ ଏକ ଉଦ୍ଦେଶ୍ୟରେ ଏକାଠି ହୋଇ କାମ କରିଥିଲେ- ଭାରତର ଗଣତାନ୍ତ୍ରିକ ଢାଞ୍ଚାକୁ ରକ୍ଷା କରିବା ଓ ସେହି ଆଦର୍ଶଗୁଡ଼ିକୁ ବଜାୟ ରଖିବା, ଯେଉଁଥି ପାଇଁ ଆମର ସ୍ୱାଧୀନତା ସେନାନୀମାନେ ତାଙ୍କର ଜୀବନ ବଳିଦାନ ଦେଇଥିଲେ । ଏହା ସାମୂହିକ ସଂଘର୍ଷ ଥିଲା ଯାହା ନିଶ୍ଚିତ କରିଥିଲା ଯେ ତତ୍କାଳୀନ କଂଗ୍ରେସ ସରକାରକୁ ଗଣତନ୍ତ୍ର ପୁନଃସ୍ଥାପନ କରିବାକୁ ପଡ଼ିଥିଲା ଓ ନୂଆ ନିର୍ବାଚନ କରିବାକୁ ପଡିଥିଲା, ଯେଉଁଥିରେ ସେମାନେ ଶୋଚନୀୟ ଭାବରେ ପରାଜିତ ହୋଇଥିଲେ । ସେ ଲେଖିଛନ୍ତି ଯେ, ଆଜି ଭାରତର ଗଣତାନ୍ତ୍ରିକ ଇତିହାସର ସବୁଠାରୁ କଳା ଅଧ୍ୟାୟମାନଙ୍କ ମଧ୍ୟରୁ ଗୋଟିଏ , ଜରୁରୀକାଳ ଲାଗୁ ହେବାକୁ ପଚାଶ ବର୍ଷ ପୂର୍ଣ୍ଣ ହୋଇଛି । ଭାରତବାସୀ • ପୃଷ୍ଠା ୭ ଦେଖନ୍ତୁ...







## ଆଜି ନବଯୌବନ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି

ପୁରୀ, ୨୫।୬ (ଡିକେ ନ୍ୟୁଜ): ଆଉ ଦିନକ ପରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା । ଗୁରୁବାର ନବଯୌବନ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି । ବୁଧବାର ବନକ ଲାଗି ନୀତି ଶେଷ ହେବା ପରେ ଗୁରୁବାର ୧୫ ଦିନ ପରେ ଭକ୍ତମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଦର୍ଶନର ସୁଯୋଗ ପାଇବେ । ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନବଯୌବନ ବେଶ ପାଇଁ ପରମାଣିକ ଟିକେଟରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ । ନବଯୌବନ ଦର୍ଶନ ପାଇଁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ଟିକେଟଧାରୀ ଭକ୍ତଙ୍କ ପ୍ରବେଶ ବ୍ୟବସ୍ଥା କରାଯାଇଛି । ପାରମାଣିକ ଦର୍ଶନ ପାଇଁ ୩ ହଜାର ଟିକେଟ ବ୍ୟବସ୍ଥା କରାଯାଇଛି । ପୂର୍ବାହ୍ନ ୯ଟା ଠାରୁ ଦିନ ସାଢ଼େ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଛି । ଦିନ ୧୨ଟାରେ ହେବ ନେତ୍ରୋତ୍ସବ । ଶୁକ୍ରବାର ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥି ପାଇଁ ଚଳଚଞ୍ଚଳ ସମଗ୍ର ଶ୍ରୀକ୍ଷେତ୍ର । ଆଗନ୍ତୁକମାନଙ୍କ ଭିଡ଼ ବଢ଼ିବାରେ ଲାଗିଛି । ରଥଯାତ୍ରାର ସୁରକ୍ଷା ପାଇଁ ୨୦୫ ପ୍ଲାଟୁନ ଫୋର୍ସ ସମେତ ୮ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସଙ୍କୁ ମୁତୟନ କରାଯାଇଛି । ବିଭିନ୍ନ ସ୍ଥାନରେ ସାଧା ପୋଷାକଧାରୀ ପୋଲିସ ପଇଁତରା ମାରୁଛନ୍ତି । ପୋଲିସ୍ ଛାଉଣୀରେ ପରିଣତ ହୋଇଛି । ଗୁରୁବାର ଅପରାହ୍ନ ୪ଟା ୧୦ରେ ଆଜ୍ଞାମାଳ ଆସିବା ପରେ ରଥଖଳାରୁ ପ୍ରଥମେ ନନ୍ଦିଘୋଷ ପରେ ଦେବଦଳନ ଓ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରକୁ ଯିବ । ସେଠାରେ ମହାପ୍ରଭୁଙ୍କ ଆସ୍ଥାନ • ପୃଷ୍ଠା ୭ ଦେଖନ୍ତୁ...

DSPL-145




## ରଥଯାତ୍ରା ସମୟରେ

### ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

**ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ । ଏହି ସମୟରେ ପୁରୀ, କେନ୍ଦ୍ରାପଡା, ବାରିପଦା, କେଉଁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନରେ ପ୍ରବଳ ଜନସମାଗମ ହେବ । ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧକ ଥିବାର ଅନୁଭୂତ ହେଉଛି । ଏଥରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ ।**

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ /ବାସି ଖାଦ୍ୟ/ପଚା ଫଳମୂଳ/ ଦହିବରା, ଗୁପଚୁପ, ସରବତ୍, ଲସି ଆଦି ଗ୍ରହଣ କରନ୍ତୁ ନାହିଁ
- ଥଣ୍ଡା କାଶ, ଜ୍ୱର, ଝାଡା କିମ୍ବା ବାନ୍ତି ଆଦି ଲକ୍ଷଣ ଥିବା ବ୍ୟକ୍ତି, ବୟୋବୃଦ୍ଧ, ଭିନ୍ନକ୍ଷମ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଭିଡ଼ ମଧ୍ୟକୁ ନଆସି ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ
- ଖରା ହେଉଥିଲେ ମୁଣ୍ଡରେ ଟୋପି / ଓଦା ଗାମୁଛା ବ୍ୟବହାର କରନ୍ତୁ
- ରାତ୍ର ରହଣି ଥିଲେ ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ପରାମର୍ଶ କରନ୍ତୁ
- ଆମ୍ବୁଲାନ୍ସ ସେବା ପାଇଁ ୧୦୮ ଏବଂ ସ୍ୱାସ୍ଥ୍ୟ ସୂଚନା ପାଇଁ ୧୦୪ କୁ ଦେୟମୁକ୍ତ ଫୋନ୍ କରନ୍ତୁ

OIPR-10003/13/0215/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

# ଭାରତ ଟାରିଫ କିଂ ନୁହେଁ, ଶୁଳ୍କ ଯେତିକି ଦେଖାଯାଉଛି, ତା'ଠାରୁ ବହୁତ କମ୍: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



**ନୂଆଦିଲ୍ଲୀ, (ହି.ସ):** ଡୋନାଲ୍ଡ ଟ୍ରମ୍ପ ଭାରତକୁ ବାରମ୍ବାର ଟାରିଫ କିଂ ଆଖ୍ୟା ଦେଉଥିବା ବେଳେ ଏହାର ଉତ୍ତର ଦେଇଛନ୍ତି ଭାରତୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଭାରତ ଟାରିଫ କିଂ ନୁହେଁ ଯେତିକି ଦେଖାଯାଏ ତ' ଠାରୁ ବହୁତ କମ୍ ବୋଲି ସେ କହିଛନ୍ତି। ରାଜଧାନୀରେ ଅନୁଷ୍ଠିତ ଏକଜିମ୍ ବ୍ୟାଙ୍କ ବାଣିଜ୍ୟ କନକ୍ଲେଭ ୨୦୨୫ରେ ଭାଷଣ ଦେଇ ଅର୍ଥମନ୍ତ୍ରୀ ଏପରି କହିଛନ୍ତି। ଭାରତ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଶୁଳ୍କ ସ୍ଥିର କରିବା ପାଇଁ ସଂସଦୀୟ ଅନୁମୋଦନ ଚାହେଁ, କିନ୍ତୁ ସେଲିଂ ଆପ୍ରୁଭ୍ ଠାରୁ ବହୁତ କମ୍ ଶୁଳ୍କ ଲଗାଏ। ତେଣୁ ଆମେ ଅଧିକ ଶୁଳ୍କ ଲଗାଉଛି ବୋଲି ବିଦେଶରେ ଗୋଟେ ଧାରଣା ସୃଷ୍ଟି କରାଯାଉଛି ବୋଲି ନିର୍ମଳା ସୀତାରମଣ କହିଛନ୍ତି। ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି ଯେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଓ ରପ୍ତାନି ବୃଦ୍ଧି କରିବା ପାଇଁ ୨୦୨୫-୨୬ ବଜେଟରେ ଶୁଳ୍କ ହାର ସଂଖ୍ୟା ୮କୁ ହ୍ରାସ କରାଯାଇଥିଲା। ସୀତାରମଣ ଫେବୃଆରୀ ବଜେଟରେ ୭ଟି ଶୁଳ୍କ ହାର ହଟାଇ ଦେଇଥିଲେ। ଏହା ପୂର୍ବରୁ ୨୦୨୩-୨୪ ବଜେଟରେ ୭ଟି ଶୁଳ୍କ ହାର ହଟାଇ ଦିଆଯାଇ ସାରିଥିଲା। ତେବେ ଆମେରିକା ସହିତ ବାଣିଜ୍ୟ ଡିଲ୍ ନେଇ ମଧ୍ୟ ନିର୍ମାଳା ସୀତାରମଣ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ନିର୍ଦ୍ଧାରଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରହିଛି। ବିଶ୍ୱ ସ୍ତରରେ ସ୍ଥିତି ଉତ୍ତେଜନା ପୂର୍ଣ୍ଣ ଥିଲେ ବି ଭାରତର ରପ୍ତାନୀ ଭଲ ଅଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କର ଉତ୍ପାଦନ ମୂଳକ ପ୍ରୋତ୍ସାହନ (ପିଏଲଆଇ)ଯୋଗୁ ଭାରତର ରପ୍ତାନୀ ବିଛିୟ ପାରମ୍ପରିକ ରପ୍ତାନୀ ବ୍ୟତିତ ବିଭିନ୍ନ ଦିଗରେ ଭାରତ ରପ୍ତାନୀ କରିପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆର୍ଥିକ ବର୍ଷ ୨୦୨୫ରେ ଭାରତର ମୋଟ ରପ୍ତାନୀ ସର୍ବୋଚ୍ଚ ସ୍ତରରେ ପହଞ୍ଚି ୮୨୫ ବିଲିଅନ ଡଲାର ହୋଇଛି। ଏଥିରେ ଗତବର୍ଷ ଅପେକ୍ଷା ୬ ପ୍ରତିଶତ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୩-୧୪ ରେ ୪୬୬ ବିଲିୟନ ଡଲାରର ରପ୍ତାନୀକୁ ଦେଖି ଆଜିର ରପ୍ତାନୀ ଦୁଇଗୁଣା ପାଖାପାଖି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗ୍ଲୋବାଲ ଭାଲ୍ୟୁ ଚେନ୍ (ବିଶ୍ୱ ମୂଲ୍ୟ ଶୃଙ୍ଖଳ)ରେ ଭାରତର ଯୋଗଦାନ ବଢ଼ିଛି ଭାରତରେ ଆପଲ୍ ଇଣ୍ଡିଆର ଆଇଫୋନ୍ ଚୁକ୍ତିନାମା ନିର୍ମାତାମାନେ ବିଭିନ୍ନ ଭ୍ୟାରିଏ□ରେ ୨୦% ଘରୋଇ ମୂଲ୍ୟ ବୃଦ୍ଧି (ଡିଠଇ) ସୀମା ଅତିକ୍ରମ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ବିଶ୍ୱରେ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ଅର୍ଥନୀତି ସ୍ଥିର: ରିଜର୍ଭ ବ୍ୟାଙ୍କ




**ନୂଆଦିଲ୍ଲୀ, (ହି.ସ):** ଭାରତୀୟ ରିଜର୍ଭ ବ୍ୟାଙ୍କ କହିଛି ଯେ ବିଶ୍ୱ ଅର୍ଥନୀତି, ବାଣିଜ୍ୟ ଏବଂ ଭୂରାଜନୈତିକ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ଅର୍ଥନୀତି ସ୍ଥିର ରହିଛି। ଆଜି ପ୍ରକାଶିତ ଜୁନ୍ ବୁଲେଟିନରେ ଅର୍ଥନୀତିର ସ୍ଥିତି ଶୀର୍ଷକ ଲେଖାରେ, ରିଜର୍ଭ ବ୍ୟାଙ୍କ କହିଛି ଯେ ବାଣିଜ୍ୟ ନୀତି ଅନିଶ୍ଚିତତା ଏବଂ ଭୂ-ରାଜନୈତିକ ଉତ୍ତେଜନାର ଦ୍ୱିଗୁଣିତ ହେବା ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଏକ ପରିବର୍ତ୍ତନଶୀଳ ଅବସ୍ଥାରେ ଅଛି। ଅରବିଆଇ କହିଛି ଯେ ବିଶ୍ୱ ଅନିଶ୍ଚିତତାର ଏହି ସ୍ଥିତିରେ, ୨୦୨୫ ମେ' ମାସରେ ଶିଳ୍ପ ଏବଂ ସେବା କ୍ଷେତ୍ର ମଧ୍ୟରେ ଭାରତରେ ସ୍ଥିର ଅର୍ଥନୀତିକୁ ସୂଚିତ କରୁଛି। ଜୁନ୍ ବୁଲେଟିନରେ ରିସର୍ଭ ବ୍ୟାଙ୍କ କହିଛି ଯେ ୨୦୨୪-୨୫ର ଚତୁର୍ଥ ମାସରେ ଭାରତୀୟ ଅର୍ଥନୀତି ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ପଞ୍ଜିକୃତ କରିଛି। ଘରୋଇ ମୁଦ୍ରାସ୍ଫୀତି ମଜବୁତ ରହିଛି ଏବଂ ମେ ମାସରେ ଲଗାତାର ଚତୁର୍ଥ ମାସ ପାଇଁ ମୁଖ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟଠାରୁ ତଳେ ରହିଥିବା ଆରବିଆଇ କହିଛି।

## ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ସୁନା ମୂଲ୍ୟ ହ୍ରାସ

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ପରେ ସୁନା ମୂଲ୍ୟ ହ୍ରାସ ପାଇଛି। ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ମଙ୍ଗଳବାର ୧୩୫୦ ଟଙ୍କା ହ୍ରାସ ପାଇ ୯୦,୯୫୦ ଟଙ୍କାକୁ ଖସିଆସିଛି। ସେହିପରି, ୨୪ କ୍ୟାରେଟ୍ ସୁନା ଦାମ୍ ୧୪୭୦ ଟଙ୍କା କମ୍ ହୋଇ ୯୯,୨୨୦ ଟଙ୍କାକୁ ହ୍ରାସ ପାଇଛି। ଏଥି ସହିତ ୨୪ କ୍ୟାରେଟ୍ ସୁନା ଏକ ଲକ୍ଷ ଟଙ୍କା ତଳକୁ ଖସିଛି। ରୁପା କେଜି ମଧ୍ୟ ୧୦୦୦ ଟଙ୍କା ହ୍ରାସ ପାଇ ୧,୧୯,୦୦୦ ଟଙ୍କା ହୋଇଛି। ଦିଲ୍ଲୀରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୦୮୫ ଟଙ୍କା କମ୍ ହୋଇ ୯୭,୨୬୩ ଟଙ୍କାକୁ ହ୍ରାସ ପାଇଛି। ରୁପା ଦାମ ୧୦୯୬ ଟଙ୍କା କମ୍ ହୋଇ କେଜି ୧,୦୫,୯୬୭ ଟଙ୍କା ରହିଛି। ଆଜି ଯଦିଓ ସୁନା ଓ ରୁପା ଦାମ୍ କମିଛି, କିନ୍ତୁ ଆଗାମୀ ଦିନରେ ଦରରେ ବୃଦ୍ଧିର ଧାରା ଅବ୍ୟାହତ ରହିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଚଳିତ ବର୍ଷ ଜାନୁଆରି ୧ ପରଠାରୁ ୨୪ କ୍ୟାରେଟ୍ ସୁନା ଦାମ୍ ୨୧,୧୦୧ ଟଙ୍କା ବଢ଼ିଛି। ରୁପା କେଜି ୧୯,୯୫୦ ଟଙ୍କା ମହଙ୍ଗା ହୋଇଛି। ୨୦୨୪ରେ ସୁନା ଦାମ୍ ୧୨,୮୧୦ ଟଙ୍କା ବଢ଼ିଥିଲା। ଚଳିତ ବର୍ଷ ସୁନା ଦର ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବିବା ସମ୍ଭାବନା ରହିଛି।

## ତୁର୍କି ପର୍ଯ୍ୟଟନ ଶିଳ୍ପକୁ ଜୋରଦାର ଝଟକା, ମେ ମାସରେ କମିଛି ୨୪% ଟୁରିଜିମ



**ନୂଆଦିଲ୍ଲୀ, (ହି.ସ):** ଭାରତ ବିରୋଧରେ ଯିବା ତୁର୍କି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତୀୟ ପର୍ଯ୍ୟଟକଙ୍କ ଅସନ୍ତୋଷ ଓ ସୋସିଆଲ ମିଡିଆରେ ତୁର୍କି ବହିଷ୍କାର ଟ୍ରେଣ୍ଡ କରିବା ଯୋଗୁ ତୁର୍କି ପର୍ଯ୍ୟଟନ ଉଦ୍ୟୋଗକୁ ଶକ୍ତ ଝଟକା ଲାଗିଛି। ରିପୋର୍ଟ ଅନୁସାରେ ମେ ୨୦୨୫ରେ ତୁର୍କି ଭ୍ରମଣରେ ଯାଉଥିବା ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨୪% ହ୍ରାସ ହୋଇଛି ଓଏହା ମାତ୍ର ମାସକରେ ହିଁ ହୋଇଛି। ଅପରେସନ ସିନ୍ଦୂର କାଳରେ ଭାରତ ବିରୋଧରେ ତୁର୍କିର ବୟାନ ଓ ପାକିସ୍ତାନକୁ ସାମରିକ ଏବଂ କୂଟନୈତିକ ସହଯୋଗ ଭାରତୀୟଙ୍କୁ ବ୍ୟଥିତ କରିଛି। ଏହା ପରେ ଭାରତୀୟ ସୋସିଆଲ ମିଡିଆରେ 'ବୟକଟ୍ ତୁର୍କି' ଟ୍ରେଣ୍ଡିଂ କରାଇଥିଲେ, ଯାହାର ସିଧା ପ୍ରଭାବ ତୁର୍କି ଟୁରିଜିମ କ୍ଷେତ୍ର ଉପରେ ପଡିଛି। ଭାରତରୁ ପ୍ରତିବର୍ଷ ଲକ୍ଷଲକ୍ଷ ପର୍ଯ୍ୟଟକ ତୁର୍କି ଯାତ୍ରା କରିଥାନ୍ତି। ଇସ୍ତାନାବୁଲ, କପ୍ପାଡୋକିୟା ଭଳି ଡେଷ୍ଟିନେସନରେ ଭାରତୀୟଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ତେବେ ତୁର୍କି ଯେବେଠାରୁ ଭାରତ ବିରୋଧରେ କୂଟନୈତିକ ପକ୍ଷ ନେଇଛି ସେବେଠାରୁ ଭାରତୀୟ ଟ୍ରାଭେଲ ଏଜେନ୍ସୀ ଓ ଟୁର ଅପରେଟର୍ସ ତୁର୍କି ଟୁର ପ୍ୟାକେଜ ବିକ୍ରି କାଟ କରିଛନ୍ତି। ଫଳରେ ମେ ମାସରେ ଅନେକ ତୁର୍କି ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୪% ହ୍ରାସ ହୋଇଛି। ଏହା ତୁର୍କି ପାଇଁ ଏକ ବଡ଼ ଚେତାବନୀ ସାବ୍ୟସ୍ତ ହୋଇଛି। ତେବେ ତୁର୍କିକୁ ଆସୁଥିବା ଅନ୍ୟ ଦେଶର ପର୍ଯ୍ୟଟକଙ୍କ ସ୍ୱଭାବିକ ରହିଛି ଅଥବା ସାମାନ୍ୟ ବଢିଛିୟ ହେଲେ ଭାରତୀୟ ପର୍ଯ୍ୟଟକ ସଂଖ୍ୟାରେ ଦ୍ରୁତ ହ୍ରାସ ହୋଇଛି। ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏପରି ହ୍ରାସ ବୟକଟ ଅଭିଯାନର ପ୍ରଭାବ ବୋଲି ସ୍ପଷ୍ଟ ହୋଇଯାଇଛି। ତୁର୍କି ଲାଗି ଭାରତ ଏକ ନୂଆ ଟୁରିଜିମ ମାର୍କେଟରେ ପରିଣତ ହୋଇଥିଲା। କେବଳ ଭାରତୀୟ ବହୁ ସଂଖ୍ୟାରେ ତୁର୍କି ଯାଉନଥିଲେ ସେମାନେ ସେଠାକାର ବିଳାଶମୟ ହୋଟେଲ, ସପିଙ୍ଗ ଓ ଲୋକାଲ ଗାଇଡଙ୍କ ଉପରେ ମଧ୍ୟ ବିପୁଳ ବ୍ୟୟ କରୁଥିଲେ। ଫଳରେ ତୁର୍କିର ସ୍ଥାନୀୟ ଅର୍ଥନୀତିକୁ ବେଶ ପୋଷଣ ମିଳୁଥିଲା। ଏବେ ଭାରତୀୟ ତୁର୍କିରୁ ଦୂରେଇ ଯାଇଥିବା ବେଳେ ଏହି ଆର୍ଥିକ କ୍ଷତି ବିଲିୟନରେ ଆକଳନ କରାଯାଉଛି। ଟ୍ରାଭେଲ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ଅନୁସାରେ ତୁର୍କି ଯଦି ତା ନୀତିରେ ପରିବର୍ତ୍ତନ ନ କରେ ଏହି ହ୍ରାସ ଆହୁରି ଅଧିକ ହୋଇପାରେ। ବିଶ୍ୱର ସବୁଠୁ ବଡ଼ଟ୍ରାଭେଲ ମାର୍କେଟ ମଧ୍ୟରେ ଭାରତ ଅନ୍ୟତମ। ଏଥିରେ ଭାରତରୁ ନେଗେଟିଭ୍ ସିଗ୍ନାଲ ମିଳିବା ଆରମ୍ଭ ହେବା ପରେ ଏହାର ପ୍ରଭାବ କେବଳ ପର୍ଯ୍ୟଟନ ମଧ୍ୟରେ ଏବେ ସୀମିତ ନାହିଁ ବିଜନେସ, ଡିପ୍ଲୋମାସୀକୁ ମଧ୍ୟ ପ୍ରଭାବିତ କରିବ। ଭାରତ ପ୍ରତି ବଇରି ଭାବ ରଖିବା ଏବେ ତୁର୍କି ଲାଗି ଆର୍ଥିକ କ୍ଷତିରେ ପରିଣତ ହୋଇଛି।

## ଲୋନ ପାଇଁ ବ୍ୟାଙ୍କ ଯିବାକୁ ପଡ଼ିବନି, ଲୋକଙ୍କ ସମସ୍ୟା ସହଜ କଲେ ଗୁଗୁଲ ଓ ଫୋନପେ




**ନୂଆଦିଲ୍ଲୀ, (ହି.ସ):** ଲୋକଙ୍କୁ ଅନେକ ଆର୍ଥିକ ଆବଶ୍ୟକତା ପଡିଲେ ଲୋନ ପାଇଁ ବ୍ୟାଙ୍କ ମୁହାଁ ହୁଅନ୍ତି। ତେବେ ବ୍ୟାଙ୍କ ବ୍ୟବସ୍ଥା ପ୍ରାୟତଃ ଧିମା ଓ ଜଟିଳ ହୋଇଥାଏ। ଏଣୁ ଲଗାତାର ବ୍ୟାଙ୍କକୁ ଦଉଡିବା ଓ କାଗଜପତ୍ର ପ୍ରକ୍ରିୟାରୁ ବର୍ତ୍ତିବା ପାଇଁ ଏବେ ଡିଜିଟାଲ ଟେକ୍ନୋଲଜି ଲୋକଙ୍କ ନିମନ୍ତେ ସୁବିଧାଜନକ ଋଣ ବ୍ୟବସ୍ଥା ନେଇ ଆସିଛି। ଗୁଗଲ ପେ ଓ ଫୋନ ପେ ଭଳି ଲୋକପ୍ରୀୟ ୟୁପିଆଇ ପ୍ଲାଟଫର୍ମ ଇନଷ୍ଟାଣ୍ଟ ଲୋନ ସୁବିଧା ଆରମ୍ଭ କରିଛନ୍ତି। ଯଦି ଋଣ ନିତ୍ୟାନ୍ତ ଆବଶ୍ୟକ ପ୍ରଥମେ ଗୁଗଲ ପେ ଆପ ଖୋଲନ୍ତୁ 'ମନି ସେକ୍ସନ' କୁ ଯାଇ 'ଲୋନ' ବିକଳ୍ପରେ କ୍ଲିକ୍ କରନ୍ତୁୟ ଏଠାରେ ଆପଣଙ୍କ ଲାଗି ଉପଲବ୍ଧ ଲୋନ ଅଫର ଦେଖାଯିବ। ଏଥିରେ 'ପ୍ରି ଆପ୍ରୁଭଡ' ଲୋନକୁ ସିଲେକ୍ଟ କରନ୍ତୁ ଓ ଆପଣ ଆବଶ୍ୟକ କରୁଥିବା ଋଣ ରାଶି ଓ ଅବଧି ନିର୍ଦ୍ଧାରିତ କରନ୍ତୁ। ଆଗକୁ ବଢିବା ପାଇଁ 'କଣ୍ଟିନ୍ୟୁ' କ୍ଲିକ୍ କରନ୍ତୁ ଓ ମଗାଯାଉଥିବା ସୂଚନା ଦିଅନ୍ତୁ। ଓଟିପି ଦେବାମାତ୍ରେ ଆପଣଙ୍କ ଲୋନ ସ୍ୱୀକୃତ ହୋଇ ଯିବ ଓ ରାଶି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ। ଏଥିପାଇଁ ପ୍ରଥମେ ଫୋନ ପେ ଅଥବା ଫ୍ଲିପକାର୍ଟ ଆପ ଡାଉନଲୋଡ କରନ୍ତୁ। ମୋବାଇଲ ନମ୍ବରରେ ସାଇନ ଅପ କରନ୍ତୁ। ଏଥିରେ 'ଫ୍ଲିପକାର୍ଟ ପେ ଲେଟର' କ୍ଲିକ୍ କରନ୍ତୁୟ ଆବଶ୍ୟକ ଡକ୍ୟୁମେଣ୍ଟେ (ପାନ୍ ଓ ଆଧାର) ଅପଲୋଡ କରନ୍ତୁ। ଯଦି ଆପଣଙ୍କ ସିଭିଲ ସ୍କୋର ୭୫୦ରୁ ଅଧିକ ତେବେ ଆପଣ ଲୋନ ନେବା ପାଇଁ ପାତ୍ର ମାନ୍ୟ ହେବେ। ଆପଣଙ୍କ ଖାତା ଆକ୍ଟିଭେଟ ହେବା ପରେ 'ମାଇଁ ମନି' ସେକ୍ସନରୁ ୟୁପିଆଇ ମାଧ୍ୟମରେ ଋଣ ରାଶି ପ୍ରାପ୍ତ କରନ୍ତୁ।

## ଉତ୍ତରପ୍ରଦେଶ ଆଗ୍ରାରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ରର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠାକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତର ପ୍ରଦେଶର ଆଗ୍ରାଠାରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର (ସିଆଇପି)ର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର (ସିଏସଏଆରସି) ପ୍ରତିଷ୍ଠା ପାଇଁ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ନିବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଳୁ ଏବଂ କନ୍ଦମୂଳର ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ମୂଲ୍ୟ ବୃଦ୍ଧି କରି ଖାଦ୍ୟ ଓ ପୋଷଣ ସୁରକ୍ଷା, କୃଷକଙ୍କ ପାଇଁ ଆୟ ଓ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା। ଭାରତରେ ଆଳୁ ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ପରିବହନ, ବିପଣନ, ମୂଲ୍ୟ ଶୃଙ୍ଖଳା ଆଦି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବାର ସମ୍ଭାବନା ରହିଛିୟ ତେଣୁ ଏହି କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନାର ଲାଭ ଉଠାଇବା ଏବଂ ସେଗୁଡ଼ିକୁ ଚିହ୍ନଟ କରିବା ଲାଗି ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର (ସିଆଇପି)ର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ଉତ୍ତର ପ୍ରଦେଶ ଆଗ୍ରାର ସିଙ୍ଗନା ଠାରେ ପ୍ରତିଷ୍ଠା କରାଯାଉଛି। ସିଏସଏଆରସି ଦ୍ୱାରା ବିକଶିତ ଆଳୁ ଓ କନ୍ଦମୂଳର ଉଚ୍ଚ ଉତ୍ପାଦନ କ୍ଷମତା ରହିଛି। ଏହା ମଧ୍ୟ ପୋଷକ ତତ୍ତ୍ୱ ଆଧାରିତ ତଥା ଜଳବାୟୁ ଅନୁକୂଳ କିସମ ୟ ତେଣୁ ଏହା କେବଳ ଭାରତ ନୁହେଁ ବରଂ ବିଶ୍ୱ ସ୍ତରରେ ବିଜ୍ଞାନ ଓ ନବସୃଜନ ମାଧ୍ୟମରେ ଦକ୍ଷିଣ ଏସିଆ ଅଞ୍ଚଳରେ ମଧ୍ୟ ଆଳୁ ଓ କନ୍ଦମୂଳ କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଗତି ପ୍ରଦାନ କରିବ।




## ସୀମାରେ ବିଏସଏଫଙ୍କୁ ବଡ଼ ସଫଳତା
## ୨.୪୨ କୋଟି ଟଙ୍କାର ସୁନା ସହ ଚୋରା ଚାଲାଣକାରୀ ଗିରଫ

**କୋଲକାତା, (ହି.ସ.):** ସୀମା ସୁରକ୍ଷା ବଳ (ବିଏସଏଫ) ଉତ୍ତର ୨୪ ପରଗଣା ଜିଲ୍ଲାର ଭାରତ-ବାଂଲାଦେଶ ଆନ୍ତର୍ଜାତୀୟ ସୀମାରେ ସୁନା ଚୋରା ଚାଲାଣର ଏକ ବଡ଼ ପ୍ରୟାସକୁ ପଣ୍ଡ କରିଛି ଏବଂ ଜଣେ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ସୀମା ପୋଷ୍ଟ ଲକ୍ଷ୍ମୀପୁରରେ ବିଏସଏଫ ଦକ୍ଷିଣ ବଙ୍ଗ ସିମାନ୍ତର ୬୭ତମ ବାଟାଲିୟନ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା, ଯେଉଁଥିରେ ୨.୪୨ କୋଟି ଟଙ୍କାର ୨.୪୫୧ କିଲୋଗ୍ରାମ ସୁନା ଜବତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବିଏସଏଫ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ଦୁଇ ଦିନ ପୂର୍ବରୁ ୬୭ତମ ବାଟାଲିୟନର ସୈନିକମାନେ ଗୁପ୍ତ ସୂଚନା ପାଇଥିଲେ ଯେ ଲକ୍ଷ୍ମୀପୁର ଅଂଚଳରୁ ସୁନା ଚୋରା ଚାଲାଣ ହୋଇପାରେ। ଏହି ସୂଚନାକୁ ଗମ୍ଭୀରତାର ସହ ନେଇ ଲକ୍ଷ୍ମୀପୁର ସୀମା ପୋଷ୍ଟରେ ପାଟ୍ରୋଲିଂ ଏବଂ ନଜର କଡ଼ାକଡ଼ି କରାଯାଇଥିଲା। ୨୪ ଜୁନ୍ ସକାଳ ପ୍ରାୟ ୦୭:୪୫ ସମୟରେ, ଲକ୍ଷ୍ମୀପୁର ଗ୍ରାମ ଦିଗରୁ ଏକ ସନ୍ଦିଗ୍ଧ ମୋଟରସାଇକେଲ ଆସୁଥିବାର ଦେଖାଯାଇଥିଲା। ସୈନିକମାନେ ତାଙ୍କୁ ଅଟକାଇ ତଲାସି କରିଥିଲେ, ଯେଉଁଥିରେ ମୋଟରସାଇକେଲର ସିଟ୍ ତଳୁ ପ୍ଲାଷ୍ଟିକ୍ ଟେପ୍‌ରେ ଗୁଡ଼ାଯାଇଥିବା ଦୁଇଟି ପ୍ୟାକେଟ ମିଳିଥିଲା।ଏହି ପ୍ୟାକେଟଗୁଡ଼ିକୁ ଯାଂଚ କରିବା ସମୟରେ ସେଥିରୁ ଗୋଟିଏ ସୁନା ବାର୍ ଏବଂ ୧୬ଟି ସୁନା ବିସ୍କୁଟ ମିଳିଥିଲା। ଉଦ୍ଧାର ହୋଇଥିବା ସୁନାର ମୋଟ ଓଜନ ୨.୪୫୧ କିଲୋଗ୍ରାମ, ଯାହାର ଆନୁମାନିକ ଆନ୍ତର୍ଜାତୀୟ ବଜାର ମୂଲ୍ୟ ୨ କୋଟି ୪୨ ଲକ୍ଷ ୯୪ ହଜାର ୯୬୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଏସଏଫ ଯବାନମାନେ ତୁରନ୍ତ ମୋଟରସାଇକେଲ ଏବଂ ଚୋରା ଚାଲାଣକାରୀଙ୍କୁ ହେପାଜତକୁ ନେଇଥିଲେ। ପ୍ରାରମ୍ଭିକ ପଚରାଉଚରାରେ, ଗିରଫ ଚୋରା ଚାଲାଣକାରୀ କହିଥିଲେ ଯେ ସେ ଲକ୍ଷ୍ମୀପୁର ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଏହି ସୁନା ପାଇଥିଲେ ଏବଂ ସେ ଏହାକୁ ବୟରା ଗ୍ରାମ ଦେଇ ବନଗାଁ ବସ୍ ଷ୍ଟାଣ୍ଡକୁ ପହଂଚାଇବାକୁ ଯାଉଥିଲେ, ଯେଉଁଠାରେ ତାଙ୍କୁ ଏହାକୁ ଜଣେ ଅଜଣା ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବାକୁ ପଡିଥିଲା। ଚୋରା ଚାଲାଣକାରୀ ମଧ୍ୟ ସ୍ୱୀକାର କରିଥିଲେ ଯେ ଏହି କାମ ପାଇଁ ସେ ପ୍ରତି କିଲୋଗ୍ରାମ ପିଛା ହଜାର ଟଙ୍କା ପାଇବେ। ବିଏସଏଫ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଜବତ ସୁନାକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିଛି ଏବଂ ସମଗ୍ର ଘଟଣାର ବିସ୍ତୃତ ତଦନ୍ତ କରାଯାଉଛି।ଏହି ସଫଳତାରେ ସନ୍ତୋଷ ପ୍ରକାଶ କରି ବିଏସଏଫ ଦକ୍ଷିଣ ବଙ୍ଗ ସିମାନ୍ତର ଜନସମ୍ପର୍କ ଅଧିକାରୀ କହିଛନ୍ତି ଯେ ସୀମାରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ବିଏସଏଫ ଜବାନମାନେ ପୂର୍ଣ୍ଣ ନିଷ୍ଠା ଏବଂ ସତର୍କତାର ସହିତ ଠିଆ ହୋଇଛନ୍ତି। ସେ ସୀମାବର୍ତ୍ତୀ ଅଂଚଳର ଲୋକମାନଙ୍କୁ ନିବେଦନ କରିଛନ୍ତି ଯେ ଯଦି ସେମାନଙ୍କ ପାଖରେ ଚୋରା ଚାଲାଣ ବିଷୟରେ କୌଣସି ସୂଚନା ଅଛି, ତେବେ ସେମାନେ ତୁରନ୍ତ 'ସୀମା ସାଥୀ' ହେଲ୍ପଲାଇନ୍ ନମ୍ବର ୧୪୪୧୯ କିମ୍ବା ହ୍ୱାଟ୍ସଆପ୍ ନମ୍ବର ୯୯୦୩୪୭୨୨୨୭ ରେ ଯୋଗାଯୋଗ କରନ୍ତୁ। ନିର୍ଭରଯୋଗ୍ୟ ସୂଚନା ଦେଉଥିବା ଲୋକଙ୍କୁ ଉପଯୁକ୍ତ ପୁରସ୍କାର ଦିଆଯିବ ଏବଂ ସେମାନଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ।

## ପଲିଥିନ କାରଖାନାରେ ଅଗ୍ନିକାଣ୍ଡ, ୪ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, (ହି.ସ):** ଦିଲ୍ଲୀରେ ରିଠାଲା ମେଟ୍ରୋ ଷ୍ଟେସନ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭.୨୫ ସମୟରେ ଏକ ପଲିଥିନ ତିଆରି ହେଉଥିବା ତିନି ମହଲା କାରଖାନାରେ ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାରେ ଚାରିଜଣଙ୍କର ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ତିନୋଟି ଅଗ୍ନିଶମବାହିନୀ ତିନୋଟି ମୃତଦେହକୁ ବାହାର କରିଛନ୍ତି।ଚତୁର୍ଥ ବ୍ୟକ୍ତିଙ୍କ ମୃତଦେହ ଆଜି ସକାଳେ ବାହାର କରାଯାଇଛି। ବର୍ତ୍ତମାନ କୁଲିଙ୍ଗ କରାଯାଉଛି। ଏହି କାରଖାନାରେ ଅଗ୍ନିକାଣ୍ଡ ସମ୍ପର୍କରେ ସୁଚନା ବିଳମ୍ବିତ ରାତିରେ ମିଳିବା ପରେ ବିଭିନ୍ନ ଅଗ୍ନିଶମ କେନ୍ଦ୍ରରୁ ପ୍ରାୟ ୨୪ଟି ଗାଡି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ତଦନ୍ତ ଚାଲିଛି।

## ମଣିପୁରରେ ଉଗ୍ରବାଦ ଉପରେ କାର୍ଯ୍ୟାନୁଷ୍ଠାନ,୫ ଗିରଫ

**ଇମ୍ଫାଲ, (ହି.ସ):** ମଣିପୁର ପୋଲିସ ଏବଂ ସୁରକ୍ଷାବାହିନୀ ଉଗ୍ରବାଦୀ ସଂଗଠନ ବିରୁଦ୍ଧରେ ମିଳିତ ଅଭିଯାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପାଞ୍ଚ ସକ୍ରିୟ କ୍ୟାଡରଙ୍କୁ ଗିରଫ କରିଛନ୍ତି। ଏମାନେ ସମସ୍ତ ନିଷିଦ୍ଧ ସଂଗଠନର ୟୁଏନଏଲଏଫ(ପୀ), ପ୍ରୀପାକ(ପ୍ରୋ) ଏବଂ ୟୁଏନଏଲଏଫ (ଏନ)ସହ ଜଡିତ ବୋଲି କୁହାଯାଉଛି। ପୋଲିସ ଅନୁସାରେ ୨୪ ଜୁନ ରେ ଇମ୍ଫାଲ ୱେଷ୍ଟ ବାବୁପାରା ଅଞ୍ଚଳରୁ ୟୁଏନଏଲଏଫ(ପୀ)ର ତିନି ସକ୍ରିୟ କ୍ୟାଡରଙ୍କୁ ଗିରଫ କରାଯାଇଥିଲା।ଗିରଫ କରାଯାଇଥିବା ଉଗ୍ରବାଦୀଙ୍କ ମଧ୍ୟରେ ମୋଙ୍ଗସାଙ୍ଗଇ ଆବାଙ୍ଗ ଲେକାଇର କୋଥୋଜମଓପେନ୍ଦ୍ରୋ ସିଂହ (୪୬), ୱାଙ୍ଗଖାଇ ଟୋକପମ ଲେକାଇର ଟୋକପମ ଟୋଙ୍ଗଚା ସିଂହ(୫୫) ଏବଂ ଖୁଡାଇ ସୋଇବମର କିଥେଲ୍ଲକପମ ସରତଚନ୍ଦ୍ର ମଙ୍ଗାଗ (୫୩) ଅନ୍ତର୍ଭୁକ୍ତ।ଏହି ତିନିଜଣ ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ଠିକା କାମ ହଡପ କରିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କଠାରୁ ପୋଲିସ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ଅପରାଧିକ ସାମଗ୍ରୀ ଜବତ କରିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ-ଦୁଇଟି ୯ ଏମଏମ ପିସ୍ତଲ ଏବଂ ଦୁଇଟି ମ୍ୟାଗାଜିନ, ଆଠ ରାଉଣ୍ଡ୯ ଏମଏମ ଗୁଳି, ଗୋଟିଏ .୩୨ କ୍ୟାଲିବର ପିସ୍ତଲ, ଚାରି ରାଉଣ୍ଡ ୭.୬୫ ମିମି ଗୁଳି, ଚାରୋଟି ମୋବାଇଲ ଫୋନ, ଆଧାର କାର୍ଡ, ପର୍ସ ନଗଦ ୩,୮୦୦ ଟଙ୍କା ତଥା ଟିଭିଏସ ସ୍କୁଟର ଜବତ ହୋଇଥିଲା।

## ଜରୁରୀକାଳୀନ ପରିସ୍ଥିତି ଲୋକତନ୍ତ୍ରର କଳା ଅଧ୍ୟାୟ, ଏହାକୁ ଦେଶ ଭୁଲିନାହିଁ - ଅମିତ ଶାହ



**ନୂଆଦିଲ୍ଲୀ,(ହି.ସ.):** କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଦିନ ସମ୍ବିଧାନ ହତ୍ୟା ଦିବସ ଉପରେ କହିଛନ୍ତି ଯେ ଜରୁରୀକାଳ ଭାରତୀୟ ଲୋକତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ଥିଲା, ଯାହାକୁ ଦେଶକୁ ସବୁବେଳେ ମନେ ରଖିବା ଦରକାର, ଯାହାଫଳରେ ସେ ତ୍ରାସଦୀ ଦ୍ୱିତୀୟଥର ଦୋହରା ନଯାଉ। ଅମିତ ଶାହ ଦେଶରେ ଜରୁରୀକାଳ ଲାଗୁ ହେବା ସହିତ ୫୦ ବର୍ଷ ପୁରା ହେବା ଉପରେ ଦିଲ୍ଲୀର ତ୍ୟାଗରାଜ ସ୍ପୋର୍ଟସ କମ୍ପଲେକ୍ସରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଥିଲେ। ଶ୍ରୀ ଶାହ କହିଛନ୍ତି ଯେ ୨୫ ଜୁନ୍ ୧୯୭୫ ରାତିରେ ଲଗାଯାଇଥିବା ଜରୁରୀକାଳ ସମ୍ବିଧାନର ଆତ୍ମାକୁ ନଷ୍ଟ କରିଥିଲା। ଦେଶକୁ ଏକ ଜେଲ୍‌ଖାନା ବନାଇ ଦେଇଥିଲା, ନ୍ୟାୟପାଳିକାକୁ ମୌନ କରିଦିଆ ଯାଇଥିଲା ଏବଂ ପ୍ରେସର କଲମରୁ ସ୍ୟାହି ଛଡ଼ାଇ ନିଆଯାଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହିଦିନକୁ ସମ୍ବିଧାନ ହତ୍ୟା ଦିବସ ରୂପେ ପାଳନ କରିବାକୁ ସ୍ଥିର କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଦ୍ୱାରା ଲିଖିତ ପୁସ୍ତକ ଦି ଇମରଜେନ୍ସିଂ ଡାଇରିଜ: ଇୟର ଦୈଟ ଫୋର୍ଜଡ ଆୱାର ଲିଡର୍ସର ଉନ୍ମୋଚନ ମଧ୍ୟ କରାଯାଇଥିଲା। ଶାହ କହିଛନ୍ତି ଯେ ଏହି ପୁସ୍ତକ ନରେନ୍ଦ୍ର ମୋଦୀଙ୍କ ଜରୁରୀକାଳୀନ ଅବସରରେ ଏକ ୨୪-୨୫ ବର୍ଷୀୟ ଯୁବସଂଘ ପ୍ରଚାରକ ରୂପେ ଭୂମିଗତ ସଂଘର୍ଷ, ମିସା ବନ୍ଦୀମାନଙ୍କ ସାହାଯ୍ୟ ଏବଂ ଗୁପ୍ତ ସମାଚାର ପତ୍ରର ବିତରଣ ପରି ପ୍ରୟାସକୁ ଦର୍ଶାଏ। ପ୍ରଧାନମନ୍ତ୍ରୀ ମୋଦୀ ସାଧୁ, ସରଦାରଜୀ, ହିପ୍ପୀ, ଅଗରବତୀ ବା ସମାଚାର ପତ୍ର ବିକ୍ରେତା ରୂପେ କାମ କରିଛନ୍ତି। ସେ ଯୁବକମାନଙ୍କୁ ଏହି ପୁସ୍ତକକୁ ପଢ଼ିବାକୁ ଅନୁରୋଧ କରିଛନ୍ତି। ଅମିତ ଶାହ କହିଛନ୍ତି ଯେ ଜରୁରୀକାଳ ସମୟରେ କଂଗ୍ରେସର ସରକାର ଏକ ବିଚାର ସ୍ଥାପିତ କରିବାକୁ ଚେଷ୍ଟା କରିଥିଲା। ରାଷ୍ଟ୍ର ଠାରୁ ବଡ଼ ପାର୍ଟି, ପାର୍ଟି ଠାରୁ ବଡ଼ ପରିବାର ଏବଂ ପରିବାର ଠାରୁ ବଡ଼ ବ୍ୟକ୍ତି। ଏହାର ଆଲଟ ଆଜି ଭାରତ ପ୍ରଥମ ଚିନ୍ତା ଦେଶବାସୀମାନଙ୍କ ମନରେ ଜାଗୃତ ହୋଇଛି, ଯାହା ୧୯ ମାସ ଜେଲ୍‌ରେ ବନ୍ଦ ଲୋକତନ୍ତ୍ର ରକ୍ଷକଙ୍କ କୁର୍ବାନୀର ପରିଣାମ ଅଟେ।

## ସମ୍ବିଧାନ ହତ୍ୟା ଦିବସ ୨୦୨୫ ପାଳିତରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# 'ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ'

ଭୁବନେଶ୍ୱର, (ହି.ସ): ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ, ଏହି 'ଜରୁରୀ କାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେ ସବୁକୁ କେହି ଭୁଲି ପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢ଼ିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ୨୫ ଜୁନ ୨୦୨୬ରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି। ଜରୁରୀକାଳୀନ ସମୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସାରା ଭାରତରେ ଲଢେଇ ଜାରି ରଖିଥିଲା। ଦେଶର ସମସ୍ତ ବଡ ବଡ ନେତାଙ୍କ ସହିତ ଅଟଳ ବିହାରୀ ବାଜପେୟୀଜୀ ଓ ଲାଲକୃଷ୍ଣ ଆଡଭାନୀଜୀଙ୍କ ପରି ନେତା ମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକ ନିଜ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡିଲା। ପ୍ରାୟ ୧୦ ହଜାର ସାମ୍ବାଦିକ ଜେଲ ଦଣ୍ଡ ଭୋଗିଲେ। ଆମ ଓଡିଶାରେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ପରି ଅନେକ ବଡ ବଡ ନେତା ଗିରଫ ହୋଇଥିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ଆଜି ଆମ ସହିତ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନେ ଜାଣିଛନ୍ତି ଯେ କିପରି ଜରୁରୀକାଳୀନ ପରିସ୍ଥିତି ସମୟରେ ଗଓଝଇ କୁ ବ୍ୟବହାର କରି ବିନା ବିଚାରରେ ମାସ ମାସ ଧରି ଲୋକଙ୍କୁ ଜେଲରେ ରଖାଯାଉଥିଲା ବୋଲି ସେ କହିଥିଲେ।ଆଜି ଆମ ସହିତ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସମ୍ମାନିତ କରି ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଆମ ସରକାର ଆସିବା ପରେ ଆମେ ଆମର ଲୋକତନ୍ତ୍ର ସେନାନୀ ମାନଙ୍କ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନସନ ପାଇଁ ଅନୁମୋଦନ ମିଳି ସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀ ମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍ ଶୀଘ୍ର ସେମାନେ ମଧ୍ୟ ପେନସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀ ମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୫୦ ବର୍ଷ ତଳେ ଯେଉଁ ଭୁଲ ହୋଇଥିଲା ତାହା ଆଜିର ପିଢ଼ି ଜାଣିବା ଦରକାର ଆଉ ଅନ୍ୟର ଭୁଲ ରୁ ମଣିଷ ଶିଖିବା ଭଳି, ଆଜିର ପିଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଏହି ଜରୁରୀକାଳୀନ ସମୟର ଲୋକତନ୍ତ୍ର ସେନାନୀ ମାନଙ୍କୁ ସମ୍ମାନିତ କରିଥିଲେ। ଏହାସହିତ ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟନ କରିଥିଲେ। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢେଇ ଆଜିର ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିମ୍ବାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦେବ, ଓ କାହ୍ନୁଚରଣ ବେହେରା ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।




## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ଡିକେ ନ୍ୟୁଜ): ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜନକେନ୍ଦ୍ରିକ ଶାସନ ପରିଚାଳନା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକାରୀ ହେଉଥିବା ଜନଶୁଣାଣି ବ୍ୟବସ୍ଥାରେ ବୈଷୟିକ ଜ୍ଞାନ କୌଶଳ କିପରି ସହାୟକ ହୋଇଛି, ସେ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ୨୦୨୪ ଜୁନ ମାସ ଠାରୁ ବିଭିନ୍ନ ମାଧ୍ୟମରେ ଗୃହୀତ ହୋଇଥିବା ଜନ ଅଭିଯୋଗ ମଧ୍ୟରେ ଅଦ୍ୟାବଧି ଶୁଣାଣି ଫଇସଲା ହାର ୮୨% ହୋଇଛି। ବୈଠକରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଥିବା ଅଭିଯୋଗଗୁଡିକ ପାଇଁ ଟେକ୍ନୋଲୋଜି ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଆଲୋଚନା କରାଯାଇଛି। ଏଥି ସହିତ ବିଭିନ୍ନ ସରକାରୀ ସେବା ପ୍ରଦାନର ଗୁଣବତ୍ତାକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ହିତାଧିକାରୀଙ୍କ ଠାରୁ ମତାମତ ଗ୍ରହଣ ପାଇଁ ଆଗାମୀ ଦିନରେ "ଆମ ଶାସନ" ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଜନସେବା ଅଧିକାର ଅଧିନିୟମ ଅଧିନରେ ଅନ୍ତର୍ଭୁକ୍ତ ସେବାଗୁଡିକୁ "ଆମ ସାଥୀ" ଏକୀକୃତ "ହ୍ୱାଟ୍ସଆପ୍ ବଟ୍ " ରେ ସମନ୍ୱିତ କରାଯିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା। ଅନୁମୋଦନ କରାଯାଇଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟସୀମା ଅନୁସାରେ କାର୍ଯ୍ୟକାରୀ କରାଯିବା, ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଅଗ୍ରଗତି ଇତ୍ୟାଦି ଅନୁଦାନ ପାଇଁ ଆଗାମୀ ୩୧ ଅକ୍ଟୋବର ସୁଦ୍ଧା ୱାର୍କ ପାସ୍ ବୁକ୍ ବ୍ୟବସ୍ଥା ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସଂପର୍କରେ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସିସିଟିଭି ବ୍ୟବସ୍ଥାକୁ ସଂଯୋଗୀକୃତ କରାଯାଇ କେନ୍ଦ୍ରୀୟ ପରିଚାଳନା ନିମନ୍ତେ ସମନ୍ୱିତ ସିସିଟିଭି ସର୍ବେକ୍ଷଣ ବ୍ୟବସ୍ଥା କରାଯିବାକୁ ପଦକ୍ଷେପ ନିଆଯାଇଛି। ସାମୁହିକ ପ୍ରୟାସରେ ଓଡ଼ିଶାର ଉନ୍ନତି, କାର୍ଯ୍ୟରେ ଅଭିନବତ୍ୱ ଆଣି ପ୍ରଶାସନିକ ରୂପାନ୍ତରଣକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଡିଜିଟାଲ ପ୍ଲାଟଫର୍ମ "ଓଡ଼ିଶା ଆଇଡିଆଜ୍ ପୋର୍ଟାଲ ରୋଲଆଉଟ୍" ଆରମ୍ଭ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି। ସ୍ୱାସ ବ୍ୟବସ୍ଥାରେ ସରକାରୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରାଯିବା, କୃତ୍ରିମ ବୁଦ୍ଧିମତ୍ତା( ଏଆଇ) ଉପଯୋଗ କରି କାର୍ଯ୍ୟ କରିବା ନିମନ୍ତେ ଏ ସଂପର୍କରେ ମୌଳିକ ଜ୍ଞାନ ଆହରଣ ପାଇଁ ଏପ୍ରିଲ ୨୦୨୫ ରୁ ୩ ମାସ ମଧ୍ୟରେ ସମସ୍ତ ଅଧିକାରୀମାନେ ଅନ୍ ଲାଇନ୍ ଯୋଗେ ପ୍ରଶିକ୍ଷଣ ନେବାକୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବାକୁ ଆଲୋଚନା କରାଯାଇଥିଲା। ସେହିପରି ଦକ୍ଷତା ବିକାଶ ପାଇଁ ଆଇଜିଓଟି ପ୍ଲାଟଫର୍ମରେ ବାର୍ଷିକ ଅତି କମରେ ୨୦ ଘଣ୍ଟା ଅନଲାଇନ୍ ତାଲିମ ନେବା ସଂପର୍କରେ ଗୁରୁତ୍ୱ ଦିଆଯାଇଛି। ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ଲକ୍ଷ୍ୟ ସାଧନରେ ଆଭିମୁଖ୍ୟ ସଂପର୍କରେ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବିକଶିତ ଓଡ଼ିଶା: ଭିଜନ ୨୦୩୬-୪୭ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅନ୍‌ଲାଇନ୍ ଡ୍ୟାସବୋର୍ଡ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା। ଅଧିକନ୍ତୁ ମଧ୍ୟ ଶିଳ୍ପ ଅଭିବୃଦ୍ଧି ସଂପର୍କରେ ଆଲୋଚନାରେ ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍ ଅନ୍ତର୍ଗତ ଔଦ୍ୟୋଗିକ କାର୍ଯ୍ୟ ନିରୀକ୍ଷଣ ସଂକ୍ରାନ୍ତରେ ଡିଜିଟାଲ ସମାଧାନ "ଗୋ ସ୍ମାଇଲ" କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ସହିତ ବୈଠକରେ ୨୦୨୫-୨୬ ବଜେଟ୍ ପ୍ରାବଧାନ ଅନୁସାରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ବାବଦରେ ଅଦ୍ୟାବଧି ଖର୍ଚ୍ଚ, ରାଜ୍ୟର ସାମଗ୍ରିକ ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ଖର୍ଚ୍ଚ ବୃଦ୍ଧି ସମ୍ପର୍କରେ ନିୟମିତ ସମୀକ୍ଷା କରିବାକୁ ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ହୋଟେଲ ବୁକିଂ ନାଁରେ ଠକେଇରୁ ସତର୍କ ରହିବାକୁ କ୍ରାଇମବ୍ରାଞ୍ଚର ପରାମର୍ଶ

ଭୁବନେଶ୍ୱର, (ହି.ସ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଯଥା ପୁରୀ, ଭୁବନେଶ୍ୱର, ଓ କଟକ ଆଦି ସହରରେ ହୋଟେଲ ବୁକିଂ ନାମରେ ଠକେଇ ହେଉଥିବାର ନଜିର ରହିଛି। ବିଭିନ୍ନ ସମୟରେ ଠକମାନେ ପ୍ରତିଷ୍ଠିତ ହୋଟେଲ ଗୁଡିକର ନକଲି ୱେବ ସାଇଟ୍ ପ୍ରସ୍ତୁତ କରୁଛନ୍ତି। କମ୍ ମୂଲ୍ୟରେ ଆକର୍ଷଣୀୟ ରୁମ୍, ଗ୍ୟାରେଂଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଘଟଣା ନଜରକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଂଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାଇବର କ୍ରାଇମ୍ ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ଅଦ୍ୟାବଧି ୩୧୭ଟି ଅଭିଯୋଗ ଦାଖଲ ହୋଇଛି। ଏହା ସହ ଠକମାନେ ବ୍ୟବହାର କରୁଥିବା ବେଆଇନ ହୋଟେଲ ବୁକିଂ ୱେବ ସାଇଟ୍ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କ୍ରାଇମ୍ ବ୍ରାଂଚ, ଓଡିଶାର ସୋସିଆଲ ମିଡିଆ ଟିମ୍ ଏହି ନକଲି ୱେବସାଇଟ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୁଗୁଲ୍ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସହିତ ଯୋଗାଯୋଗ କରି ଉକ୍ତ ନକଲି ୱେବ ସାଇଟଗୁଡିକୁ ହଟାଇବା ପାଇଁ ଉଦ୍ୟମ ଜାରି ରଖିଛି। କ୍ରାଇମବ୍ରାଂଚ ନାଗରିକମାନଙ୍କୁ ପରାମର୍ଶ ଦେଇଛି ଯେ ମେକ୍ ମାଇ ଟ୍ରିପ୍ , ଗୋ ଆଇବିବୋ, ବୁକିଂ ଡଟ୍ କମ୍ , ଟ୍ରିଭାଗୋ ଇତ୍ୟାଦି ସ୍ୱୀକୃତି ପ୍ରାପ୍ତ ୱେବସାଇଟ୍ ମାଧ୍ୟମରେ ବୁକିଂ କରନ୍ତୁ। ଗୁଗଲ ମ୍ୟାପ୍ ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର କ୍ରସ୍ ଚେକ୍ କରନ୍ତୁ। ବୁକିଂ ସମୟରେ ସମସ୍ତ ଅର୍ଥ ଅଗ୍ରିମ ପଇଠ କରନ୍ତୁ ନାହିଁ। ସୁରକ୍ଷିତ ପେମେଂଟ ଗେଟୱେ ବ୍ୟବହାର କରନ୍ତୁ। ବୈଧ ଇନଭଏସ୍ କିମ୍ବା ବୁକିଂ ଆଇଡି ସହ ଇମେଲ୍ ବା ଏସଏମଏସ୍ ମାଧ୍ୟମରେ ନିଶ୍ଚିତ ପାଆନ୍ତୁ। ରଥଯାତ୍ରା ସମୟରେ ଅପେକ୍ଷାକୃତ କମ ଦର ଦେଖି ବୁକିଂ କରନ୍ତୁ ନାହିଁ। ବୁକିଂ ବେଳେ ଆପଣ ଠକାମିର ଶିକାର ହୋଇଛନ୍ତି ଜାଣିଲେ ତୁରନ୍ତ ୧୯୩୦ରେ ରିପୋର୍ଟ କରନ୍ତୁ।

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି

ଭୁବନେଶ୍ୱର, (ଡିକେ ନ୍ୟୁଜ): ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ କରାଯାଇଛି। ଇଣ୍ଡିଆନ ଇନଷ୍ଟିଚିଉଟ ଅଫ ପବ୍ଲିକ୍ ଆଡମିନଷ୍ଟ୍ରେସନ (ଆଇଆଇପିଏ), ନିଉ ଦିଲ୍ଲୀ ଦ୍ୱାରା "ଓଡ଼ିଶାର ଜିଲ୍ଲାମାନଙ୍କରେ ସୁଭଦ୍ରାର ପ୍ରଭାବ" ବିଷୟ ଉପରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା। ପୂର୍ବରୁ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆଇଆଇଏମ ସମ୍ବଲପୁର ସହଯୋଗରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ କଲେଜ ଝିଅ (ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ,ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଲେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ। ସୁଭଦ୍ରା ସହାୟତାର ସଠିକ ଉପଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ହିତାଧିକାରୀମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା ବିକାଶ ବିଭାଗ ସହ ଆଲୋଚନା ମଧ୍ୟ କରାଯାଇଛି। ସୁଭଦ୍ରା ସହାୟତାର ଉପଯୋଗକୁ ନିରନ୍ତର ଭାବେ ସମୀକ୍ଷା କରାଯିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



## ରାଜ୍ୟରେ ୨୦୩୬ ସୁଦ୍ଧା ୫୦% ବିଇଭି ପଞ୍ଜୀକରଣ ଲକ୍ଷ୍ୟ

ଭୁବନେଶ୍ୱର, (ପିଆଇବି): ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ଶ୍ରୀ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦% ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତି ନିଆଯାଇଥିଲା। ଇଭି ଯାନ ପଞ୍ଜୀକରଣ ବୃଦ୍ଧି ପାଉଛି। ୨୦୨୧ ମସିହାରେ ୧.୧୬% ଇଭି ପଞ୍ଜୀକରଣ ଠାରୁ ୨୦ ଜୁନ୍ ୨୦୨୫ ସୁଦ୍ଧା ୮.୭୧% ପର୍ଯ୍ୟନ୍ତ ପଞ୍ଜୀକରଣ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ବର୍ତ୍ତମାନ ୫୫୦ ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ଅଛି, ଯେଉଁଥିରେ ଦୁଇ ଚକିଆ ଓଇଏମ୍, ଡିସକମ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତିଭୂମି ଅନ୍ତର୍ଭୁକ୍ତ। ରାଜ୍ୟ ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେସନ୍ ବିକାଶ ପାଇଁ ପ୍ରସ୍ତାବ ପାଇଁ ଅନୁରୋଧ ଜାରି କରିଛି। ରାଜ୍ୟ ନିମ୍ନଲିଖିତ ପ୍ରମୁଖ ଉପାଦାନଗୁଡ଼ିକ ସହିତ ଓଡ଼ିଶା ଇଭି ନୀତି ୨୦୨୧ ସଂଶୋଧନ ପ୍ରକ୍ରିୟାରେ ଅଛି: ବୈଧତା ବୃଦ୍ଧି ଏବଂ ଇଭିକ୍ରେତା ଏବଂ ଚାର୍ଜ ପଏଣ୍ଟ ଅପରେଟର ପାଇଁ ପ୍ରୋତ୍ସାହନ ବୃଦ୍ଧି। ପ୍ରଥମ ଆସ-ପ୍ରଥମେ ସେବା ଆଧାରରେ ରାଜ୍ୟ ବଜେଟ୍ ରୁ ପ୍ୟାନେଲ ହୋଇଥିବା ଚାର୍ଜିଂ ପଏଣ୍ଟକୁ ପ୍ରୋତ୍ସାହନ। ଗ୍ରହଣ ଏବଂ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଇଭି ପାଣ୍ଠି ସୃଷ୍ଟି କରିବା ପାଇଁ ଯାନଗୁଡ଼ିକର ଅନୁସନ୍ଧାନ। ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଚାର୍ଜିଂ ପଏଣ୍ଟ ର ତ୍ୱରାନ୍ୱିତ ରୋଲଆଉଟ୍ ମାଧ୍ୟମରେ ପରିସର ଚିନ୍ତାକୁ ଦୂର କରିବା। ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତ ଇଭି ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଯୋଗାଣ (ଉତ୍ପାଦନ ଇକୋସିଷ୍ଟମ) ଏବଂ ଚାହିଦା (ଗ୍ରାହକ ପ୍ରୋତ୍ସାହନ) ଉଭୟକୁ ବୃଦ୍ଧି କରିବା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଇଭି ଗ୍ରହଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନାକୁ ସକ୍ରିୟ ଭାବରେ ବ୍ୟବହାର କରିବ। ବାଣିଜ୍ୟ ଏବଂ ପରିବହନ ବିଭାଗ ପୂର୍ବରୁ ଯୋଜନା ନିର୍ଦ୍ଦେଶାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ପ୍ରଦାନ କରିଛି। ବ୍ୟାପକ ଓଡ଼ିଶା ଭିଜନ ୨୦୩୬ ର ଅଂଶ ଭାବରେ, ରାଜ୍ୟ ୨୦୩୬ ସୁଦ୍ଧା ୫୦% ବୈଦ୍ୟୁତିକ ଏବଂ ବିକଳ୍ପ ଇନ୍ଧନ ଯାନ ଗ୍ରହଣ ହାସଲ କରିବାକୁ ଲକ୍ଷ୍ୟ ରଖିଛି।

## ପୁରୀ ରେଳ ଷ୍ଟେସନରେ ରଥଯାତ୍ରା ପ୍ରସ୍ତୁତି ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର, (ଡିକେ ନ୍ୟୁଜ): ପବିତ୍ର ପୁରୀ ସହରରେ ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆୟୋଜନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ, ଉତ୍ସବ ସମୟରେ ପରିଦର୍ଶନ କରିବାକୁ ଆଶା କରାଯାଉଥିବା ତୀର୍ଥଯାତ୍ରୀଙ୍କ ସୁଗମ ପରିବହନ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବ ତଟ ରେଳପଥ ବ୍ୟାପକ ଏବଂ ସୁସଜ୍ଜିତ ପ୍ରସ୍ତୁତି କରୁଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ବୁଧବାର ପୁରୀ ରେଳ ଷ୍ଟେସନରେ ତାଙ୍କ ନିରୀକ୍ଷଣରେ ଭକ୍ତଙ୍କ ଆଗମନ ପରିଚାଳନା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଏହି ଯାଂଚରେ ଯାତ୍ରୀଙ୍କ ଆରାମ, ଭିଡ଼ ପରିଚାଳନା, ଭିତିଭୂମି ପ୍ରସ୍ତୁତି ଏବଂ ତୀର୍ଥଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତିର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରଥଯାତ୍ରା ସମୟରେ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ପୁରୀ ରେଳ ଷ୍ଟେସନ ଏବଂ ଏହାର ଆଖପାଖରେ ବ୍ୟାପକ ଭିତିଭୂମି ଉନ୍ନତି ଏବଂ ସେବା ନିୟୋଜିତ କରି ରେକର୍ଡ ଭିଡ଼କୁ ପରିଚାଳନା କରିବାକୁ ପୂର୍ବତଟ ରେଳପଥ ପ୍ରସ୍ତୁତ। ଅସାଧାରଣ ଯାତ୍ରା ଚାହିଦା ପୂରଣ କରିବା ପାଇଁ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ୩୬୫ ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହେଉଛି। ପୂର୍ବତଟ ରେଳପଥ ପୁରୀରେ ସମର୍ପିତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଏବଂ ମେଳା ସେଡ୍ ପ୍ରତିଷ୍ଠା କରିଛି, ଯାହା ପର୍ଯ୍ୟାପ୍ତ ତୀର୍ଥଯାତ୍ରୀଙ୍କ ବିଶ୍ରାମ ନେବାପାଇଁ ଉପଲବ୍ଧ କରାଯାଇଛି।ସ୍କାଉଟ୍ସ ଏବଂ ଗାଇଡ୍ସ, ସ୍ୱେଚ୍ଛା ସେବି ମାନଙ୍କ ସହିତ ରେଳବାଇ ସୁରକ୍ଷା ବଳଏବଂ ସରକାରୀ ରେଳବାଇ ପୁଲିସ, ଡୁଆଲ୍-ଲେୟାର ଟିକେଟ୍ ଯାଞ୍ଚ ଏବଂ ରଣନୈତିକ ବ୍ୟାରିକେଡିଂ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ସୁନିଶ୍ଚିତ କରାଯିବ। ପୁରୀ ଷ୍ଟେସନରେ ୩୪ ଟି ବୁକିଂ କାଉଂଟର କରାଯାଇଥିବା ବେଳେ ଭୁବନେଶ୍ୱର, ଖୋର୍ଧା ରୋଡ୍, କଟକ, ବ୍ରହ୍ମପୁର, ଭଦ୍ରକ ଭଳି ଜଙ୍କସନରେ ୩୫ ଟି ଅତିରିକ୍ତ କାଉଂଟର ବ୍ୟବସ୍ଥା କରାଯାଇଛି। ପୂର୍ବତଟ ରେଳପଥ ମଧ୍ୟ ରେଳବାଇ ପରିସରରେ ତୀର୍ଥଯାତ୍ରୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟକର ଭୋଜନ ସେବା ଏବଂ ପାନୀୟ ଜଳ ଇତ୍ୟାଦି ଯୋଗାଇବା ପାଇଁ ବିଭିନ୍ନ ଏନଜିଓ ଗୁଡ଼ିକୁ ସହଯୋଗ କରିଛି।

## ବିଏମ୍‌ସିର ସାଧାରଣ ପରିଷଦ ବୈଠକ ଶେଷ

ଭୁବନେଶ୍ୱର, (ହି.ସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)୩୨ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶ୍ରୀ ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିଳାଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧି, ବିଏମ୍ ସିର ସମସ୍ତ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ଆଗୁଆ ବ୍ୟାପକ ପଦକ୍ଷେପ ନିଆଯାଇଥିବାରୁ ରୋଗୀଙ୍କ ସଂଖ୍ୟା କମ ରହିଛି। ତେବେ ବର୍ଷା ଉପରେ ଏହା ନିର୍ଭର କରୁଛି। ଆଗାମୀ ଦିନରେ ଯେ ଡେଙ୍ଗୁ ରୋଗ ନ ବ୍ୟାପିବ ତାହା କହିହେବ ନାହିଁ। ତେଣୁ ସେଥିପ୍ରତି ସମସ୍ତେ ସଜାଗ ରହିବା ସହ ରୋଗୀ ସଂଖ୍ୟା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ସହରର କେତେକ ଅଂଚଳରେ ଡାଇରିଆ ଆରମ୍ଭ ହୋଇଥିଲା। ମାତ୍ର ରାଜ୍ୟ ସରକାର ଓ ବିଏମ୍ ସିର ମିଳିତ ଉଦ୍ୟମରେ ତାହାକୁ ନିୟନ୍ତ୍ରଣ କରାଯାଇ ପାରିଛି। ପ୍ରତିଶେଧକ ବ୍ୟବସ୍ଥା ସ୍ୱରୂପ, ଖାଦ୍ୟ ସୁରକ୍ଷା ଟିମ୍ ସହ ୱାଟକୋ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଖାଦ୍ୟ ଓ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଉଛନ୍ତି। ରିପୋର୍ଟ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଖାଦ୍ୟ ଦୋକାନୀଙ୍କୁ ସଚେତନ କରାଯାଉଛି। ଯେଉଁମାନେ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯାଉଛି। ବର୍ଷା ଦିନ ଆସିଯାଇଥିବାରୁ ଏଣିକି ରାସ୍ତା ପାର୍ଶ୍ୱ ଏବଂ ବିଭିନ୍ନ ହୋଟେଲରେ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ। ଏଣିକି ଲୋକମାନେ ବିଭିନ୍ନ ପ୍ରକାର ଟାକ୍ସ ଦେବାକୁ ଆଉ ବିଏମ୍ ସି ଅଫିସ କିମ୍ବା ୱାର୍ଡ ଅଫିସ ଯିବାକୁ ପଡିବ ନାହିଁ। ମୋବାଇଲ ହ୍ୱାଟ୍ସ ଆପରେ ସେମାନେ ନିଜେ ନିଜର ସମସ୍ତ ପ୍ରକାର ଟାକ୍ସ ଦେଇପାରିବେ। କେବଳ ସେତିକି ନୁହେଁ, ସାଧାରଣ ଲୋକଙ୍କ ପାଇଁ ବିଏମ୍ ସି ପକ୍ଷରୁ ଉଭୟ ଓଡିଆ ଓ ଇଂରାଜୀରେ ଏହି ଆପ୍ ପ୍ରସ୍ତୁତ କରାଯାଇଛି। ଅନେକ କାମ ଅଧାପନ୍ତରିଆ ହୋଇପଡିଛି। କେତେକ କାମ ହୋଇଯାଇଛି ମାତ୍ର ସେମାନଙ୍କର ପଇସା ଦିଆଯାଇ ନାହିଁ। ସରକାର ଆର୍ଥିକ ସହାୟତା ଯୋଗାଇ ଦେଲେ, ସେମାନଙ୍କର ଅର୍ଥ ପୈଠ କରାଯିବା ସହ ଅଧା ରହିଥିବା କାମଗୁଡିକ କରାଯିବ। ସେ ସଂପର୍କରେ ଆଲୋଚନା କରାଯାଇଥିଲା। କୁକୁର ବନ୍ଧ୍ୟାକରଣ ଚାଲିଛି। ମାତ୍ର ଦୀର୍ଘ ଦିନ ହେଲା କୁକୁର ଗଣନା ହୋଇନଥିଲା। ଏବେ ବିଏମ୍ ସି ଅଂଚଳରେ କୁକୁର ଗଣନା ପାଇଁ ମଧ୍ୟ ନିଷ୍ପତି ହୋଇଛି। ଖୁବ୍ ଶୀଘ୍ର ଆବଣ୍ଟନ ହେବ ସହିଦ ନଗର ହାଟ ପିଣ୍ଡି। ସମସ୍ତ କାମ ପ୍ରାୟ ଶେଷ ହୋଇଯାଇଛି। ତେବେ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସେଡ୍ କରିବାକୁ ବ୍ୟବସ୍ଥା କରାଯାଉଛି। ସେମାନେ ଯେପରି ଖରା ଓ ବର୍ଷାରେ ନିଜର ବ୍ୟବସାୟ କରିପାରିବେ, ସେଥିପାଇଁ ସହିଦ ନଗର ଭବାନୀମଲ ନିକଟରେ ପିଣ୍ଡି କରାଯାଇଛି। ଖୁବ୍ ଶୀଘ୍ର ସେଗୁଡିକ ଆବଣ୍ଟନ କରାଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। କେତେକ ଆଡଭେର୍ଟାଇ ସଂସ୍ଥା ସେମାନଙ୍କର ବକେୟା ଅର୍ଥ ପ୍ରଦାନ କରି ନାହାଁନ୍ତି। ସେଥିପାଇଁ ତାଙ୍କୁ ନୋଟିସ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ବକେୟା ଅର୍ଥ ପୈଠ ନ କଲେ, ତାଙ୍କ ବିରୋଧରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। ଡ୍ରେନରୁ ପଙ୍କୋଦ୍ଧାର କରିବା ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆଗକୁ ବର୍ଷା ଅଧିକ ହେବାର ସମ୍ଭାବନା ଥିବାରୁ ସେଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ନେଇ ଆଲୋଚନା ହୋଇଥିଲା। ଏହି ୩୨ ତମ ସାଧାରଣ ପରିଷଦ ବୈଠକର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ।

## ହସ୍ପିଟାଲରେ ନବୀନଙ୍କୁ ଭେଟିଲେ ବିଜେଡି ନେତା

ଭୁବନେଶ୍ୱର, (ହି.ସ): ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କୁ ବିଜେଡି ନେତାମାନେ ସାକ୍ଷାତ କରିଛନ୍ତି। ବିଜେଡି ନେତା ସଂଜୟ ଦାସବର୍ମା ଏନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରବଣ ବଳବନ୍ତରାୟ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ଶୁଶାନ୍ତ ରାଉତ, ବିଧାୟକ ସଞ୍ଜୀବ ମଲ୍ଲିକ, ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଏବଂ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି। ଏହାସହ ନବୀନଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ସହିତ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅଧିକ ଆଲୋଚନା କରଥିଲେ। ଏହି ସମୟରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ଉପସ୍ଥିତ ଥିଲେ। ପ୍ରଭୁ ଜଗନାଥଙ୍କ ନିକଟରେ ନବୀନ ପଟ୍ଟନାୟକଙ୍କ ର ଆଶୁ ଆରୋଗ୍ୟ କାମନା କରିଛନ୍ତି ଦଳୀୟ ନେତା।

## — ସମ୍ପାଦକୀୟ —

# କାହାର କେଉଁ ଚିନ୍ତା

ସମାଜରେ ବଞ୍ଚିବା ମାନେ ଏକ ଚିନ୍ତାଧାରାରେ ପ୍ରଭାବିତ ହୋଇ ଅତିବାହିତ କରିବା ଏକ ସାଂଗଠନିକ ପଦ୍ଧତି। ହେଲେ ଆଉ ନାହିଁ ସେ ରଙ୍ଗ ଏବେ କେବଳ ଯୁଆଡେ ଦେଖିଲେ ସ୍ୱାର୍ଥ ଆଉ ବିଶ୍ୱାସଘାତର ପରଦା। ଯାହା ଶୁଣିବାକୁ ମିଳେ କଳିଯୁଗରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବା ଏକ ଅନିବାର୍ଯ୍ୟ ବ୍ୟବସ୍ଥା କିନ୍ତୁ ବର୍ତ୍ତମାନର ସ୍ଥିତି ଏହାଠାରୁ ବଳି ଗଲାଣି ଭଳି ଲାଗୁଛି। ଆଜିର ଦୁନିଆରେ ଆଉ ନାହିଁ ସେ ପରୋପକାରିତା ନା ରହିଛି ସତ୍ୟ ଆଉ ସୁଧର୍ମ ପାଇଁ ଗଳିବାଟ। ଏଠି ମନୁଷ୍ୟ ପ୍ରତ୍ୟେକ ଦିନ ନିଜର ସୁଖସ୍ୱାଛନ୍ଦ୍ୟ ପାଇଁ ଅହରହ ଚେଷ୍ଟିତ, ହେଲେ କଣ ଏହା ଚିରସ୍ଥାୟୀ। ଆମେ ଏହି ସତ୍ୟ ସହ ଓତୋପ୍ରତୋଃ ଭାବେ ଅବଗତ ଯେ ଧନ, ଯୌବନ ଓ ପ୍ରାଣ ଅଳ୍ପ ଦିନର ଅତିଥି। ହେଲେ ଏଠି କିନ୍ତୁ ବାସ୍ତବରେ କିଛି ଅଲଗା ସବୁ ଜାଣିଶୁଣି ମନୁଷ୍ୟ ନିଜର ବିବେକକୁ ସ୍ୱାର୍ଥ ନିକଟରେ ବିକ୍ରୀ କରିବା ସହ ରଙ୍ଗୀନ ଦୁନିଆରେ ମସଗୁଲ। କେତେବେଳେ ସ୍ୱାର୍ଥ ପାଇଁ ଅତି ଆପଣାର ସମ୍ପର୍କକୁ ମଧ୍ୟ ପାଶୋରି ଦେଇଥିବା ବେଳେ ଆଉ କିଛି ସମୟରେ ଏହି କିଛିଟା ସ୍ୱାର୍ଥ ଆଉ ଅହଙ୍କାରର ବଶବର୍ତ୍ତୀ ହୋଇ ଅନୈତିକ ଓ ଭ୍ରଷ୍ଟ କାର୍ଯ୍ୟରେ ଲିପ୍ତ ହୋଇ ସମାଜକୁ ଅନ୍ଧାର ଆଡ଼କୁ ଠେଲି ଦେଉଥିବା ଭଳି ଦୃଶ୍ୟମାନ ହେଉଛି। ଆଜିର ସମାଜରେ ଯେଉଁଭଳି ପ୍ରତିଦିନ ହତ୍ୟା, ଲୁଟ୍, ପରକୀୟା ପ୍ରୀତି, ଅନୈତିକ କାର୍ଯ୍ୟ ବିଷୟରେ ଦିନଚର୍ଯ୍ୟା ଆରମ୍ଭରୁ ବିଛଣାକୁ ଯିବା ପର୍ଯ୍ୟନ୍ତ ଦେଖିବାକୁ ଓ ଶୁଣିବାକୁ ମିଳୁଛି ତାହାକୁ ଅନୁଭବ କଲେ ସମାଜରେ ଆମେ କେତେ ଯେ ନିମ୍ନଗାମୀ ହେଉଛୁ ତାହା ଠିକ୍ ଅନୁମାନ କରିହେବ। ସମୟର ପରିବର୍ତ୍ତନରେ ଯୁଗର ପରିବର୍ତ୍ତନ ହେବା ବିଧିର ବିଧାନ କିନ୍ତୁ ପରିବର୍ତ୍ତନରେ ଆମେ ଆମର ନିଜର ନିଷ୍ଠା ଓ ପରାକାଷ୍ଠା ଭୁଲିଯିବା ତାହା ସବୁଠାରୁ ବଡ ଭୁଲ୍। ଏଠି ସମସ୍ତେ ସମସ୍ତଙ୍କର ଗୋଡ଼ ଟାଣି ଉପରକୁ ବଢ଼ିବାକୁ ଲାଗିଥିବା ବେଳେ ସମ୍ମାନ, ଶ୍ରଦ୍ଧା ଓ ଆତ୍ମୀୟତା ଭଳି ଶବ୍ଦର ଅର୍ଥକୁ ଜଳାଞ୍ଜଳି ଦେଇ ଦେଇଥିବା ଭଳି ଅନୁମେୟ ହେଉଛି। ଆଉ ସମାଜରେ ସେହି ଚିରାଚରିତ ଢଙ୍ଗର ଚରିତାର୍ଥ ଦେଖିବାକୁ ମିଳୁଛି ଯେଉଁଠି ଅର୍ଥ ସବୁଠାରୁ ମୂଲ୍ୟବାନ ଭଳି ମନେ ହେଉଥିବା ବେଳେ ମାନବିକତା ନିଜର ପରିଚୟ ହଜେଇବାକୁ ବସିଛି। ସ୍ୱତନ୍ତ୍ରତାର ପରିଚୟରେ ବାଧକ ସାଜିଛି ଅର୍ଥର ଲାଳସା। ଆଉ ଗୁରୁ ନାହିଁ ଜ୍ଞାନ ଓ ଜ୍ଞାନୀର ମହତ୍। ଏବେ ସମାଜରେ କେବଳ ଗୋଟିଏ ଚିନ୍ତା ମୁଁ ମୋର ଗୌରବ ମଣ୍ଡନ ପାଇଁ କିଛି ବି କରିବା। ସେ ନେଇ କେତେ ଯେ ତଳସ୍ତରକୁ ଯାଇ ଏହି ଗୌରବ ହାସଲ କରିବାକୁ ପଡ଼ିଲେ ମଧ୍ୟ କୌଣସି ପଶ୍ଚାତାପ ନକରି ଏହାକୁ ହାସଲ କରିବା ହେଉଛି ଏକମାତ୍ର ଲକ୍ଷ୍ୟ ଭାବେ ସମସ୍ତଙ୍କ ହୃଦୟରେ ଏକ ସ୍ଥାନ କରି ସାରିଛି। ଏହାର ପରିବର୍ତ୍ତନ ପାଇଁ ଅନେକ ସମୟରେ ଅନେକ ମହାପୁରୁଷ ନିଜର ନୀତିବାଣୀ ଜରିଆରେ ସନ୍ଦେଶ ଦେଉଥିବା ବେଳେ ଗୋଟେ କାନରେ ଶୁଣି ଅନ୍ୟ ଗୋଟେ କାନ ଦେଇ ଛାଡ଼ି ଦେଲା ଭଳି ଦୃଶ୍ୟ ଅନେକ। ନୋଚେତ ଗାନ୍ଧୀଙ୍କ ଅହିଂସା, ସହିଦ ଭଗତ ସିଂହଙ୍କ ଦେଶପ୍ରେମ ଓ ବଳିଦାନ, ଗୋପବନ୍ଧୁ ଦାଶଙ୍କ ଭଳି ସେବା ମନୋଭାବ, ଡ ଏପିଜେ ଅବଦୁଲ କାଲାମଙ୍କ ଭଳି ନିଷ୍ଠାପରତାର ଦ୍ୱାହି ଦେଇ ନିଜର ମାନବିକତାର ପରିଚୟ ଦେଉଥିବା ମନୁଷ୍ୟ ବେଳେ ବେଳେ ଏଭଳି କିଛି କର୍ମ କରେ ଯାହାକି ଏହି ସମାଜ ନିକଟରେ ଆଜିର ସାଂପ୍ରତିକ ସ୍ଥିତି ନତମସ୍ତକ କରିଦିଏ ସେହି ଭାବନାତ୍ମକ ମହାପୁରୁଷଙ୍କ ଚିନ୍ତନକୁ। ଆଜିର ସମାଜରେ ଏଭଳି ଅନେକ ଲୋକ ରହିଛନ୍ତି ଯେଉଁମାନେ ଏହି ସ୍ୱାର୍ଥ ଓ ଚିରାଚରିତ ଢଙ୍ଗରେ ଚାଲିଥିବା ଏହି ବୈମାତୃକ ମନୋଭାବ ରଖିଥିବା ପରଦା ଆଢୁଆଳରେ ହଜି ଯାଉଥିବା ଭଳି ମନେ ହେଉଛି। ଆଜିର ଦିନରେ ଲୋକଙ୍କ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି ସମ୍ପତ୍ତି ଓ ପ୍ରତିପତ୍ତିକୁ ସୁଦୃଢ଼ କରି ସୁନାମ ଅର୍ଜନ କରିବା ପାଇଁ କିନ୍ତୁ ଏହାକୁ ମଧ୍ୟ ଆମେ ଭୁଲି ଯାଉଛୁ ଯେ ଆସିଲା ବେଳେ ଏକ ଆସିଥିଲୁ ଆଉ ଗଲାବେଳେ ମଧ୍ୟ ଏକ ହିଁ ଯିବା। ନା ସାଥିରେ କେହି ରହିବେ ନା କିଛି ସାଥିରେ ନେଇକି ଯିବା ଏସବୁ ସତ୍ତ୍ୱେ କାହିଁକି କେଜାଣି ମନେ ହେଉଛି ଯେ ପ୍ରକୃତି ବଦଳିବା ପରିବର୍ତ୍ତେ ଆମେ ଧିରେ ଧୀରେ ଘୋର କଳିକାଳରେ ପାଦ ଥାପୁଛେ। ସେଥିପାଇଁ ତ କହୁଛେ ଯେ କାହାକୁ କେଉଁ ଚିନ୍ତା ଘାରୁଥିବା ବେଳେ ଆମର ସାମାଜିକ ଚିନ୍ତା ଜାଗ୍ରତ ହେଉଛି।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ରଥଯାତ୍ରା ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



ଅଶ୍ୱିନୀ ବୈଷ୍ଣବ






ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା। ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ। ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ୍ ଆବଣ୍ଟନ ପରିମାଣ ୨୦୦୯-୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫-୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି। ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ ହୋଇଛି। ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟୱର୍କ ଠାରୁ ଅଧିକ ଲମ୍ବା।

ଓଡ଼ିଶାରେ ନୂଆ। ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି। ୫୯ଟି ଅମୃତ ଷ୍ଟେସନ ବିକଶିତ କରାଯାଉଛି। ଏଥିମଧ୍ୟରୁ ୧୬ଟି ଷ୍ଟେସନ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ରହିଛି। ୬ଟି ବନ୍ଦେ ଭାରତ ଟ୍ରେନ୍ ରାଜ୍ୟର ୧୭ଟି ଜିଲ୍ଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି। ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥ ଯାତ୍ରା ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ। ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମେତ ମୋଟ୍ ୧୨୧୫ଟି ଟ୍ରେନ୍ ସେବା ଯୋଗାଇ ଦିଆଯାଉଛି। ଏହି ରେଳ ସେବା ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ। ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା ସେବା ପରମୋ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ। ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି। ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇ ଦେବାକୁ ରେଳବାଇ ପ୍ରସ୍ତୁତ। ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି। ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ୍, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କୁ ପ୍ରାୟ ୨.୫ ଲକ୍ଷ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସଫେଇ ମେସିନ୍ ଏବଂ ସ୍ୱେରେଜ୍ ସକ୍ସନ୍ ଟ୍ରକ୍ ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିସନ୍ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ। ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ମେଡ଼ିକାଲ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେସନକୁ ଏକ ସମାବେଶୀ ତଥା ଆସ୍ଥାକେନ୍ଦ୍ରିତ ଜନ ସେବାର ଆଦର୍ଶ ଷ୍ଟେସନ ରୂପେ ବିକଶିତ କରିଛି।

**ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ**

**ସ୍ୱତନ୍ତ୍ର ରେଳ ଜ୍ୟାକ୍:** ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି। ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ। ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣ ସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ। ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନ ଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ। ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ। ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ। ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି। ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି।

*କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ*

# ମାନବବାଦର ବାର୍ତ୍ତାବହ ଗୋପବନ୍ଧୁ



ହିମାଂଶୁ ଶେଖର ଆଚାର୍ଯ୍ୟ

ଦେଶର ଜାତୀୟ ଜୀବନରେ ଯେତେବେଳେ ଦୁର୍ଭାଗ୍ୟର କାଳରାତ୍ରୀ ନଇଁ ଆସେ, ସେତେବେଳେ ଦେଶକୁ ଉଦ୍ଧାର କରିବାପାଇଁ ଜାତିର ଆତ୍ମା ନିଭୃତରେ ତପସ୍ୟା କରିଥାଏ। ସେହି ତପସ୍ୟାର ଫଳସ୍ୱରୂପ ଆର୍ବିଭୁତ ହୁଅନ୍ତି କେତେକ ଉତ୍ସର୍ଗୀକୃତ ଜୀବନ। ଯେଉଁମାନେ କି କାଳରାତ୍ରୀର ଅବସାନ ପାଇଁ ସଳିତା ଭଳି ତିଳ ତିଳ ଜଳି ନିଜ ଆଦର୍ଶର ଆଲୋକରେ ଅନ୍ୟମାନଙ୍କ ପଥପ୍ରଦର୍ଶକ ସାଜନ୍ତି। ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ଯୋଗଜନ୍ମା ସାଧକ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ। ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ। ଆଜି ବି ସେବା ତ୍ୟାଗ ଓ ମଣିଷପଣିଆ କଥା ପଡିଲେ ପ୍ରଥମେ ଦାସ ଆପଣେଙ୍କ କଥାହିଁ ମାନସ ପଟରେ ଉଙ୍କିମାରେ।

ଏହି ମହାମନା ସାଧକ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ପିତା ଦୈତାରୀ ଦାଶ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ବାଲ୍ୟକାଳରୁ ମାତୃ ଛେଉଣ୍ଡ ଗୋପବନ୍ଧୁ ପିଉସୀ କମଳାଦେବୀ ସ୍ନେହର ପଣତ ତଳେ ବଢିଥିଲେ। ଶୈଶବରେ ମାତୃ-ପିତୃ ବିୟୋଗଜନିତ ଦୁଃଖ,ଯୌବନରେ ପତ୍ନୀଙ୍କ ବିଛେଦ ଓ ପରିବାରର ଆର୍ଥିକ ଦୂରବସ୍ଥା ତାଙ୍କୁ ତାଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରିନଥିଲା। ମାନବସେବା ମାଧବସେବା ବ୍ରତକୁ ଏକାନ୍ତ ନିଷ୍ଠାର ସହିତ ସେ ନିଜ ଜୀବନରେ ଗ୍ରହଣ କରିଥିଲେ ପରମ ଆଦର୍ଶ ରୂପେ। କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ହିଁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ିପାରିଥିଲେ। ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇଯାଉଥିଲେ। ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ। ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବଉତ୍କଳ ସଂଘ ଓ ଓଡ଼ିଆଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ପୂର୍ଣ୍ଣାଙ୍ଗ ଜୀବନ ଗଠନ ଶିକ୍ଷାର ମୂଳମନ୍ତ୍ର ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ। ଓଡିଶା ମାଟିରେ ଗୁଡିଏ ମଣିଷ ତିଆରି ହୋଇଯାଆନ୍ତୁ ଏହାହିଁ ଥିଲା ତାଙ୍କ ଜୀବନର ଅନ୍ୟ ଏକ ଲକ୍ଷ୍ୟ। ଏହାକୁ ସାକାର କରିବା ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜତଳେ ଆରମ୍ଭ କଲେ ସତ୍ୟବାଦୀ ବନବିଦ୍ୟାଳୟ। ଗୁରୁକୂଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ଆଦର୍ଶରେ। ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା। ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହଯୋଗ କରିଥିଲେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଲିଙ୍ଗରାଜଙ୍କ ଭଳି ବିଦ୍ୱାନ ବ୍ୟକ୍ତିଗଣ। ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ଏବଂ ଆର୍ଯ୍ୟସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଦ୍ୱା□ରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ସେତେବେଳେ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଲବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି।

ଖଣ୍ଡବିଖଣ୍ଡିତ ଓଡ଼ିଶାରେ ଏକତ୍ରୀକରଣ ପାଇଁ ତାଙ୍କର ଆନ୍ତରିକ ଅବଦାନ ରହିଥିଲା। ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ। ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ ମାସିକ ପତ୍ରିକା' ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆ ମାନଙ୍କର ସମସ୍ୟାଗୁଡ଼ିକ ଅଗ୍ରାଧିକାର ଦିଆଯାଉଥିଲା। ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଚେତନାରୁ ସୃଷ୍ଟି ହେଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ'। ଯାହାକି ଆଜି ୧୦୦ ବର୍ଷରେ ପଦାର୍ପଣ କରି ଓଡିଆ ସାମ୍ବାଦିକତା ଜଗତରେ ଇତିହାସ ସୃଷ୍ଟି କରିଛି। ଆଜି ସମାଜ ଏକ ଖବର କାଗଜ ନୁହେଁ ଏକ ଅନୁଷ୍ଠାନରେ ପରିଣତ ହୋଇଅଛି। ଲାହୋରଠାରେ ଅନୁଷ୍ଠିତ ଅଧିବେଶନରେ ଉପସଭାପତି ପଦ ଅଳଙ୍କୃତ କରିଥିଲେ ଗୋପବନ୍ଧୁ। ପରେ ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ 'ସତ୍ୟବାଦୀ ପ୍ରେସ୍' ଓ 'ସମାଜ'ର ସମସ୍ତ ସଂପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ। ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନକ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ହୋଇନଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା ଯାହା 'ସତ୍ୟବାଦୀ ଯୁଗ' ରୂପେ ପରିଚିତ। ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଇଥିଲେ। ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା। ତାଙ୍କ ରଚିତ 'ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ। କବି ହିସାବରେ ସେଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ।

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ - ଏହାହିଁ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱକାଳର ଜୀବନଯାତ୍ରା। ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ ଆଉ ଯାତ୍ରାର ସମାପ୍ତି ଘଟିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ। ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ। ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି। ଜୀବନ ସିନା ହଜିଗଲା, ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ। ହେଲେ ସେଦିନର ସାଧନା ଆଜି ଇତିହାସ, ସଂକଳ୍ପ ସବୁ ସ୍ୱପ୍ନିଳ ଆଉ ମୂଲ୍ୟବୋଧମାନ ଅଭିଧାନଗତ। ବନ୍ୟା-ବାତ୍ୟା ଓ ମରୁଡି ପ୍ରପୀଡିତ ମଣିଷ ଏବଂ ଦୁଃଖୀ-ରଙ୍କିଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା। ଏବେବି ସମୟ ଅଛି। ଏହି ମହାନ୍ ଜନନାୟକ ତଥା ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶକୁ ଉତ୍ତରପିଢ଼ିଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ଆମ ସମସ୍ତଙ୍କର।

*ଜଗତସିଂହପୁର, ମୋ- ୯୩୩୭୨୨୧୯୨୪*

# ତ୍ରିଶୂଳ ଚୋରୀ କଲା ଯେହେତୁ ଶନି ପଞ୍ଚମ ହେଲେ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ତ୍ରିଶୂଳ ଶିବାସ୍ତ୍ର ଶିବମହାକାଳ ଶିବ ଜୀବସ୍ୱରୂପ ଶିରୁ ଇକାର ବାଦ କଲେ ଶିବ ଶବ୍ଦରେ ପରିଣତ ହୁଏ। ଶବରର ଶବ୍ଦ ଉଚ୍ଚାରଣ କ୍ଷମତା ନିଜସ୍ୱ ନାହିଁ ହେଲେ ଶିବଙ୍କର ସ୍ୱର ଉତ୍ତୋଳନ କ୍ଷମତା ଭାର୍ଯ୍ୟମାନ ଏପରିକି ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିକୁ ଲଣ୍ଡ ଭଣ୍ଡ କରିପାରନ୍ତି। ପ୍ରଳୟରେ ଲୟ କରିପାରନ୍ତି। ଅତି ଅନୁସୂୟାଙ୍କର ପୁତ୍ର ରୂପେ ଜନ୍ମ ନେଇଥିବା ଦୁର୍ବାସା ଋଷି ଏହି ଶିବ ଅଂଶରେ ଜନ୍ମ ନେଇଥିଲେ। ଯେ ବେ ନିୟମକୁ ସହ୍ୟ କରିପାରି ନାହାଁନ୍ତି। ଏଇ ସଂସାର ତିଷ୍ଠି ଥିବା ପାଇଁ ସବୁ ପ୍ରକୃତିର ଭୂଖଣ୍ଡ ମହାଦେଶ ଦେଶ ରାଜ୍ୟ, ଜିଲ୍ଲା, ଥାନା ଆଦିରେ ଭିନ୍ନ ଭିନ୍ନ ନିୟମର ସମ୍ବିଧାନ ଜାହିର ରହିଛଇ। ଏହା ବିଜ୍ଞ ଋଷିଙ୍କ ଠାରୁ ମୂଳ ସ୍ରୋତକୁ ସଂହାର ନକରି ସଂସ୍କାର କରି କରି ଅଣାଯାଉଛି। ଲୋକେ ରହିବେ ବୃକ୍ଷଲତା ରହିବେ ଜୀବଜନ୍ତୁ ରହିବେ ତତ ସହିତ ପରିବେଶ ସୁସ୍ଥ ରହିବ ଭାଇଚାରାରେ ଲୋକେ ଚଳିବେ। ଅନ୍ନ ଅଭାବ ଲୋକଙ୍କର ରହିବ ନାହିଁ। ସର୍ବନିମ୍ନ ଆବଶ୍ୟକ ଲୋକଙ୍କର ସର୍ବଦା ପୂରଣ ହେବ। କେହି କାହାରି ଉପରେ ଜୋର ଜୁଲମ କରିବେନାହିଁ। ଲୋଭାସକ୍ତ କାମାସକ୍ତ ଈର୍ଷାନ୍ୱିତ ହୋଇ କେହି ନିୟମ ଭଙ୍ଗ କରିବେ ନାହିଁ। ଏ ପାଇଁ ସବୁ ସ୍ଥାନରେ ନିୟମ ରହିଛି। ଏଇ ନିୟମ ସ୍ଥିର ରହିଲେ ଦେବ ସମ୍ବନ୍ଧ ତାକୁ ଭାଙ୍ଗିଲେ ଅସୁର ସମ୍ବନ୍ଧ ଆଉ ଦୁଇ ସମ୍ବନ୍ଧର ଉପଭୋକ୍ତା ହୁଅନ୍ତି ମାନବ ପୁଣି ସାଧାରଣ ଜନତା।

ସାଧାରଣ ଜନତା ହାତରେ ଅସ୍ତ୍ର ନାହିଁ। କାନୁନ ନାହିଁ। ହେଲେ ଆୱାଜ ଅଛି। ଏଇ ଆୱାଜର ତ୍ରାହି ତ୍ରାହି ଶବ୍ଦ ଶୁଣାଯାଇପାରେ। ଏ ଶବ୍ଦ କିଏ ଶୁଣେ ? ବଳବାନ ଶୁଣି ପାରନ୍ତି, ସବୁଠାରୁ ବଳବାନ ଗୋଷ୍ଠୀଗତ ଜୀବନରେ ଥିବା କୌଣସି ପ୍ରତିଷ୍ଠାନ, ରାଜା ରାଜଶକ୍ତି। ସମସ୍ତେ ତ୍ରସ୍ତ ସମସ୍ତ ଆତଙ୍କିତହେଲେ 'ସର୍ବ ହାଇଣ ଏକ ମୁଖ ଡାକିଲେ ନାରାୟଣ ରଖ' ଏ ସମୟରେ ବୈକୁଣ୍ଠରେ ବିଷ୍ଣୁ ଆସନ ଦୋହଲିବ। ରୁଦ୍ର ତାଣ୍ଡବ ଆରମ୍ଭ ହେବ ଖଡ୍ଗ ଖପର ଧାରିଣୀରେ କାଳୀ ମା' ଜାଗ୍ରତ ହୋଇ ଦୁଃଖର ଉତ୍ସକୁ ଖଣ୍ଡନ ପାଇଁ ଧାବିତ ହେବେ। ବୈକୁଣ୍ଠ ଯେଉଁଠି କୁଣ୍ଠା ନାହିଁ, କୁଣ୍ଠାମାନେ କାର୍ପଣ୍ୟ ନାହିଁ, ଅଭାବ ନାହିଁ, ଯହିଁ ଶବ୍ଦ ନାହିଁ ସେ ସ୍ଥଳ କମ୍ପିଲେ ଅନ୍ୟ ଦେବଶକ୍ତି ବ୍ୟତିବ୍ୟସ୍ତ ହେବେ। ପ୍ରକୃତ ତ୍ରାହି ତ୍ରାହି ଅର୍ଥ ଧ୍ୱଂସକାରୀ ରୁଦ୍ର ନୂଆ ବ୍ୟବସ୍ଥାକୁ ଟାଳିବାକୁ ଉଦ୍ୟମୀ ହେବେ ସେ ଶୂଳ ଉଠାଇବେ ତ୍ରିଶୂଳରେ ତିନଟି ମୂନିଆ ଅଗ୍ର। ତୀକ୍ଷ୍ଣ ଅଗ୍ରରୁ ତଳ ଆଡ଼କୁ ଦୁଇ କଡ଼କୁ ଧାରୁଆ ଅଂଶ ତ୍ରିଭୁଜ ସଦୃଶ ଲମ୍ବି ରହିଛି। ଧାରୁଆ ଅସ୍ତ୍ର ଚାଳନାରେ ଡିଭାଇଡ ଆଣ୍ଡ ରୁଲ ସ୍ତରଙ୍କୁ ଆସେ, ଅଦରକାରୀକୁ ହଟାଇ ଦରକାରୀକୁ କାଏମ ରଖାଯିବ ଏଇ ସ୍ତର ଆସିଯାଏ। ତ୍ରିଶୂଳ ହେଉଛି ତିନି କାଳ ସମ୍ବନ୍ଧ ଭୂତ, ଅତୀତ କାଳ ବର୍ତ୍ତମାନ କାଳ ଯାହା ଭୋଗ ଚାଲିଛି ଭବିଷ୍ୟତ ଯାହା ଭୋଗ ହେବ। ଦେବଶକ୍ତି ବ୍ୟତୀତ ହେଲେ ଭକ୍ତମାନେ କଷ୍ଟ ପାଇଲେ ଏଇ ତ୍ରିଶୂଳ କର୍ମମୁଖର ହୋଇ କଷ୍ଟ ଉତ୍ପତ୍ତି ସ୍ଥାନରେ ମୂଳ ଉତ୍ପାଟନ କରାଇଥାଏ। ଗତାନୁଗତି କାଳରୁ ଆସୁଥିବା ଧାରା ଏବେ ବି ସମ୍ପୂର୍ଣ୍ଣ ପରିବର୍ତ୍ତନ, ଆହାର, ନିଦ୍ରା, ଭୟ, ମୈଥୁନରେ ମନୁଷ୍ୟ ବଦଳିନାହିଁ ହେଲେ ବର୍ତ୍ତମାନ ପାଇଁ ଏଥିରେ ସଦା ସଂସ୍କାର ହୋଇ ଏକ ପ୍ରଗତିଶୀଳ ଧାରା ସାର୍ବଜନୀନ ରହିଛି। ଏହାରି ଉପରେ ଲୋକେ ତାଙ୍କର ଭବିଷ୍ୟତର ନିର୍ମାଣ ପାଇଁ ଚିନ୍ତିତ।

ହେଲେ ପ୍ରତିସ୍ଥଳରେ ପ୍ରଶାସକମାନେ ଶାସନ ଗାଦିରେ ବସି ମନ ମୌଜି କାନୁନ ଲଗାଇ ଦେଲେ ନିଶ୍ଚେ ଆର୍ତ୍ତସ୍ୱର ପ୍ରଜାରେ ଆସିଯାଇପାରେ। ଫଳରେ ଜାଗ୍ରତ ରୁଦ୍ରଶକ୍ତି ରୁଦ୍ରଶୂଳ, ଶିବାୟୁଧ ହେବ। ଦିନେ ଏମିତି ଥିଲା ତପସ୍ୟାରତ ରୁଦ୍ରଙ୍କ ତ୍ରିଶୂଳ ଚୋରୀ ହୋଇଗଲା। ରୁଦ୍ର ଅନୁଚରମାନେ ଢ଼ିଲା ଢ଼ିଲା ଥିଲେ। ସମାଧି ଅବସ୍ଥାରୁ ଜାଗ୍ରତ ଅବସ୍ଥା ଆସିଲା ବେଳକୁ ତ୍ରିଶୂଳ ନାହିଁ। ପ୍ରଭୁ ବ୍ୟସ୍ତ ହୋଇ ତାଙ୍କର ଅନୁଚରଙ୍କୁ ଡାକିଲେ ଅନୁଚର ମଧ୍ୟରେ ଭାଳେଣି ପଡ଼ିଲା। ଶନି ବି ଜଣେ ସେ ପ୍ରଭୁଙ୍କ ଶାନ୍ତ୍ୱନା ଦେଇ କହିଲେ ଭଗବାନ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଯେ ଆପଣଙ୍କର ଏଇ ଆୟୁଧ ଚୋରୀ କରି ହାତେଇଛି ଭାବୁଛି ରୁଦ୍ରଶୂଳ ଅକ୍ତିଆର କରି ରୁଦ୍ର ହୋଇଯିବି ସେ ବର୍ତ୍ତମାନ ମୋର ଚଳନୀରେ ଏକ ଖରାପ ଅବସ୍ଥାକୁ ଆସିବ ସେ ଅବସ୍ଥାଟି ମୋର ପଞ୍ଚମ ଘର ସ୍ଥିତି। ଶନି ଖରାପ ୧୨ଶ ଜନ୍ମ ୨ୟ, ୭ମା୮ମା ପୁଣି ୪ର୍ଥ ଏମିତି ୭ ଘର ଯାହା ଜନ୍ମ ରାଶିରୁ ପ୍ରତି ବ୍ୟକ୍ତିର ଜୀବନରେ ପ୍ରତି ୩ ବର୍ଷରେ ଥରେ ଥରେ ଆସେ। ଏଥିରେ ଶୁଭ ଫଳ ଅଛି। ୩//୬ଷ୍ଠ/୧୧ମ ଅନେକ ସମୟରେ ୧୦ମ। ମାତ୍ର ଏକ ଘର ଅଛି ୫ମ ଏଠାରେ ଶନି ସ୍ଥିତି ଅଦ୍ଭୁତ ଅମଙ୍ଗଳ କ୍ରିୟା ଘଟାଏ। ଦୁର୍ବୁଦ୍ଧି ବ୍ୟକ୍ତିର ଆସେ ମରଣ କାଳେ ବିପରୀତ ବୁଦ୍ଧି ପରି ସ୍ଥିତି ଉପୁଜେ। ଭବିଷ୍ୟତ ନଷ୍ଟ ହୋଇଯାଏ ସେ ବ୍ୟକ୍ତିର ଉତ୍ତରାଧିକାରୀମାନେ ପ୍ରଗତି କରିବା ସମ୍ଭବ ହୁଏନାହିଁ, ଅତଏବ ଶନି, ମହାପ୍ରଭୁ ଶଙ୍କରଙ୍କୁ କହୁଛନ୍ତି ତ୍ରିଶୂଳ ଚୋର ହଠାତ ମୋ ପଞ୍ଚମରେ ଧରା ପଡ଼ିବ। ଶୂଳ ପାଇ ଅବକାଶ ପାଇବା ସମ୍ଭବ ନାହିଁ। ଦେଖନ୍ତୁ ବର୍ତ୍ତମାନ ତା୨୯/୩/୨୦୨୫ରୁ ଶନି ମୀନ ରାଶିକୁ ଗୋଚର ଗତି କରିଛନ୍ତି। ବିଛା ରାଶିରୁ ଏହା ୫ମ ହେଉଛି। ସବୁ ମଣିଷଙ୍କର ଯାହା ପୃଥିବୀର ୧୨ ଭାଗ ଲୋକଙ୍କର ଗଣିତ କଷ୍ଟ ବିଛା ରାଶି ନିଶ୍ଚୟ ପଡ଼ିବ ମାତ୍ର ଦଣ୍ଡଧାରୀ କାନୁନ କର୍ତ୍ତା। ବଡ଼ ମୁଣ୍ଡିଆଙ୍କର ଦୁର୍ବୁଦ୍ଧି ଏମିତି ଆସିବ ଯାହା ଲୋକେ ତାଙ୍କ କ୍ରିୟାରେ ତ୍ରାହି ତ୍ରାହି ଡାକିବେ। ହେଲେ ପୁନଃ ରୁଦ୍ରଶୂଳ ରୁଦ୍ରଙ୍କ ହାତକୁ ନିଶ୍ଚେ ଯେ ଫେରିବ ଏ ଶାନ୍ତ୍ୱନା ଶନିଶ୍ଚର ଗ୍ୟାରେଣ୍ଟି ଦେଉଛନ୍ତି ପୁଣି ଖୋଦ ମହାକାଳ ଶିବଙ୍କୁ। ଏ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଏମାନେ ବିଛା ରାଶିରେ ଚନ୍ଦ୍ର ଥିବାବେଳେ ଜନ୍ମ, ଏଇ ଦୁଇଜଣ ଏପରି ଶନିଙ୍କ କୋପରେ ପଡୁଛନ୍ତି ଏମାନେ କରୁଥିବା କାନୁନ ଲୋକରେ ଅସନ୍ତୋଷ କରୁଛି, ବିରୁଦ୍ଧ ଜନମତ ଜାଗ୍ରତ ହେଉଛି।

ତେବେ ଟ୍ରମ୍ପଙ୍କର ୪ ବର୍ଷିଆ ପଦ ହାସଲ ମୋଦି ବାବୁଙ୍କର ୫ ବର୍ଷିଆ ଆସନ ହାସଲ, ଟ୍ରମ୍ପଙ୍କର ଜ୍ୟେଷ୍ଠା ନକ୍ଷତ୍ରରୁ ଶନିସ୍ଥିତ ଓ ମୋଦି ବାବୁଙ୍କର ଅନୁରାଧା ନକ୍ଷତ୍ରକୁ ଶନି ଶନିଙ୍କ ୨୫ ନକ୍ଷତ୍ର ପାଇଁ ବିଶେଷ ପଦ ବିରୁଦ୍ଧ ହେଉନାହିଁ ମାତ୍ର ଆଗକୁ ଶନି ୨୬, ୨୭ ଦୁଇ ନକ୍ଷତ୍ରରେ ଶନି ସଞ୍ଚାର ଏ ଦୁଇଙ୍କର ରୁଦ୍ରଶୂଳର ଶକ୍ତି କ୍ଷତିକର କରାଇବ। କିଛି ଅଶୁଭ ସମୟ ଏହି ମୀନ ଶନିରେ ହିଁ ଆଗାମୀ ୨/୬ ମାସ ମଧ୍ୟରେ ଆଗକୁ ଭୋଗ ୨ଜଣ ତାଗିତ ହେବେ। 'ମାର ମାର ଭଣ୍ଡାରିଆକୁ ମାର' ବା 'ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା'। 'ଦଣ୍ଡିବା ଗୁଣ ଯାର ଥାଇ ସେ ଗୁଣି କ୍ଷମା ଆଚରଇ'। ଏ ଉକ୍ତି ଭୁଲନ୍ତୁ ନାହିଁ। ଦଣ୍ଡଧାରୀ ଦଣ୍ଡମାର୍ଗକୁ ଭିନ୍ନ ଭାବରେ ପରିବର୍ତ୍ତନ କରି ମହାକାଳଙ୍କୁ ଶନିଙ୍କୁ ତୋଷ କରିପାରିଲେ ନାମ ଉଜ୍ଜିବୀତ ରହିପାରେ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ୍, କଟକ*

## ନବ ବୈକୁଣ୍ଠା ଭାବଧାରାରେ କୋଇଲି ବୈକୁଣ୍ଠ

**ହୃଷିକେଶ ପୁହାଣ**

'କୋଇଲି' ଶବ୍ଦଟି ଆମ ଓଡ଼ିଆରେ ଏକ କ୍ୱଚିତ ଦେଖାଯାଉଥିବା ବିଶେଷକରି ବସନ୍ତ ଋତୁର ଚଢ଼େଇଟିକୁ ସମସ୍ତେ ବୁଝିଥାନ୍ତି। ତେବେ ଆମେ ଆଲୋଚନା କରୁଥିବା କୋଇଲି ବୈକୁଣ୍ଠଟି ମହାପ୍ରଭୁଙ୍କ ଭାବାବେଗ ଓ ଲୀଳା ସହିତ ଜଡ଼ିତ। ପୁରାଣ ଓ ଶାସ୍ତ୍ରରେ ଉଲ୍ଲେଖ ରହିଛି ଏହାର ମୂଳ ଭାବାର୍ଥ ହେଉଛି ଇନ୍ଦ୍ରିୟ ତ୍ୟାଗପୂର୍ବକ ଆତ୍ମାର କେବଳତ୍ୱ। ଯେଉଁଥିରେ ଶରୀରକୁ ଆଧାର କରି ରହିଥିବା ଇନ୍ଦ୍ରିୟମାନେ ଆଉ ରହନ୍ତି ନାହିଁ। ଅଜର ଓ ଅମର ଭାବରେ ଆତ୍ମା ହିଁ ରହିଥାଏ। ଏହା ନବକଳେବର ମଧ୍ୟ ଦେଖିବାକୁ ମିଳିଥାଏ। ସ୍ପଷ୍ଟ ଭାବେ କହିବାକୁଗଲେ ନବକଳେବରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ଭୂମିକା ରହିଥିବା ଅଂଶଟି ହେଉଛି ଏହି କୈବଲ୍ୟ ବୈକୁଣ୍ଠରେ ଯାହାର ଲୋକପ୍ରିୟ ପରିଭାଷା ହେଉଛି କୋଇଲି ବୈକୁଣ୍ଠ। ବାସ୍ତବରେ କୋଇଲି ହେଉଛି କୈବଲ୍ୟ ଶବ୍ଦର ଅପଭ୍ରଂଶ। ଆଉ ବୈକୁଣ୍ଠର ଅର୍ଥ ବିଷ୍ଣୁଙ୍କର ଅବସ୍ଥାନ କ୍ଷେତ୍ର। ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମର୍ତ୍ତ୍ୟଲୋକରେ ଭଗବାନ ବିଷ୍ଣୁଙ୍କ ଅବସ୍ଥାନ କ୍ଷେତ୍ର। ଏଣୁ ଏହାର ନାମ ମର୍ତ୍ତ୍ୟ ବୈକୁଣ୍ଠ। ଶ୍ରୀକ୍ଷେତ୍ର ବା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ନେଇ ଗଢ଼ି ଉଠିଛି ନବ ବୈକୁଣ୍ଠର ଭାବଧାରା। ଏହା ଗଢ଼ି ଉଠିଛି ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରକୁ ନେଇ। ଶ୍ରୀମନ୍ଦିରର ରତ୍ନସିଂହାସନ ବା ଅନ୍ତର୍ବେଦୀ - ଯେଉଁଠି ଶ୍ରୀଜଗନ୍ନାଥ ବିରାଜମାନ କରନ୍ତି, ତାହା ନୀଳାଦ୍ରୀ ବୈକୁଣ୍ଠ ଭାବରେ ଖ୍ୟାତ। ଏହାର ଅନ୍ୟନାମ ନୀଳକନ୍ଦର। ଶ୍ରୀମନ୍ଦିରର ମୁଖ୍ୟଦ୍ୱାର ହେଉଛି ସିଂହଦ୍ୱାର। କାରଣ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ପୂର୍ବାଭିମୁଖ ହୋଇ ଅବସ୍ଥାନ କରିଛନ୍ତି। ଏହି ପୂର୍ବଦ୍ୱାରରେ ବିରାଜମାନ କରୁଛନ୍ତି ଶ୍ରୀପତିତପାବନ। ସିଂହଦ୍ୱାର ଗୁମୁଟର ଉତ୍ତରପାର୍ଶ୍ୱରେ ପୂର୍ବାଭିମୁଖ ହୋଇ ସେ ଅବସ୍ଥାନ କରୁଛନ୍ତି। ଏଣୁ ଏହା ପୂର୍ବ ବୈକୁଣ୍ଠ ଭାବରେ କଥିତ। ଶ୍ରୀମନ୍ଦିରରେ ବୈକୁଣ୍ଠ ଭାବଧାରାର ଆଉ ଗୋଟିଏ ପରିପ୍ରକାଶ ହେଉଛି ଲୀଳା ବୈକୁଣ୍ଠ। ଶ୍ରୀମନ୍ଦିରର ଜଗମୋହନ ଓ ମାଜଣା ମଣ୍ଡପ ହେଉଛି ଅର୍ଚ୍ଚା ବିଗ୍ରହ ବା ଚଳନ୍ତି ପ୍ରତିମା ମାନଙ୍କର ଉପାସନା ସ୍ଥଳୀ। ଏଣୁ ଏହା ଲୀଳା ବୈକୁଣ୍ଠ ଭାବରେ ଲୋକପ୍ରିୟ। ଏହା ବ୍ୟତୀତ ଶ୍ରୀମନ୍ଦିର ପରିସର ବାହାରେ ଅଛି ଆଉ ଏକ ବୈକୁଣ୍ଠ। ଏହା ହେଉଛି ମହୋଦଧି ତଟର ସ୍ୱର୍ଗଦ୍ୱାର। ଏହା ସର୍ବମୋକ୍ଷ ସ୍ଥଳ ବା ମୁକ୍ତିଦ୍ୱାର ରୂପେ କଥିତ। ମୃତ୍ୟୁପରେ ମର ଶରୀରକୁ ଏଠାରେ ଦାହ କଲେ ଆତ୍ମା ମୁକ୍ତି ବା ମୋକ୍ଷ ପାଇଥାଏ ବୋଲି ବିଶ୍ୱାସ ରହିଛି।

*ଥାଇଲୋ, ଆଲିକଣ୍ଠା, ବାଲିକୁଦା, ଜଗତସିଂହପୁର*

# ସମିତି ସଭ୍ୟଙ୍କ ମୃତ୍ୟୁ ଘଟଣା, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ ଚେତାବନୀ




ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଥିବା ପିପଲପଡା ଗ୍ରାମର ଦେବେନ୍ଦ୍ର ଧରୁଆ (୪୨)ଙ୍କ ଝୁଲନ୍ତା ଦେହ ଘର ମଧ୍ୟରୁ ଉଦ୍ଧାର କରି ପରିବାର ଲୋକେ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବେନ୍ଦ୍ରଙ୍କ ବଡଭାଇ ଦିଗାମ୍ବର ଧରୁଆଙ୍କ ଅଭିଯୋଗ ଓ ଦେବେନ୍ଦ୍ରଙ୍କ ମୋବାଇଲରେ ଥିବା କଲ ରେକର୍ଡରୁ ମିଳିଥିବା ଭଏସ କଲରୁ ନିକଟସ୍ଥ ଗ୍ରାମ ବନ୍ଧପଡା ଗ୍ରାମର ଚିତ ଗହିର କୌଣସି ଆପୋଷ ଘଟଣାକୁ ନେଇ ଜୀବନରେ ମାରିଦେବାକୁ ଧମକ ଚମକ ଦେଇ ଆସୁଥିଲା। ଏହି କାରଣକୁ ନେଇ ମାନସିକସ୍ତରରେ ଚାପରେ ଥିଲେ ଦେବେନ୍ଦ୍ର। ଏନେଇ ଗତ ୧୬ ତାରିଖରେ ଦେବେନ୍ଦ୍ର କୋକସରା ପୋଲିସରେ ଅଭିଯୋଗରେ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଫଳରେ ଦେବେନ୍ଦ୍ର ମାନସିକ ଚାପ ଓ ଭୟରେ ମଙ୍ଗଳବାର ନିଜ ଘରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ବୁଧବାର କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ କୁମାର ମାଝୀ, ସମ୍ପାଦକ ତ୍ରିନାଥ ଶବର ଓ ଶତାଧିକ କର୍ମକର୍ତ୍ତା କୋକସରା ପୋଲିସର ଅପାରଗତାକୁ ଦାୟୀ କରିବା ସହ ଦେବେନ୍ଦ୍ରଙ୍କ ଆତ୍ମହତ୍ୟା ପଛରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦ ଓ ଭଏସ କଲରେ ଧମକ ଦେଇଥିବା ଚିତ ଗହୀରକୁ ଗିରଫ କରିବା ଓ କୋକସରା ଆଇଆଇସିଙ୍କୁ ନିଲମ୍ବନ କରିବା ପାଇଁ ଦାବି କରିଛନ୍ତି ଓ ଯଦି ଆସନ୍ତା ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାନଯାଇ ତାହେଲେ ଆଦିବାସୀ ସଂଘ ପକ୍ଷରୁ ୨୮ ତାରିଖରେ ଥାନା ଘେରାଉ କରିବା ନେଇ ଚେତାବନୀ ଦେଇଛନ୍ତି। ଆଦିବାସୀ ସଂଘର ଏହି ଦାବିରେ କୋକସରା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସମେତ କୋକସରା ବିଜେପିର କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହୋଇ ନିରପେକ୍ଷ ତଦନ୍ତ ଦାବିକୁ ସମର୍ଥନ କରିଛନ୍ତି।

# କଟାମେଟା ଗ୍ରାମର ବାସିନ୍ଦାଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଡିଆଇଜିଙ୍କୁ ଅଭିଯୋଗ କଲେ ଖ୍ରୀଷ୍ଟିଆନ ମଞ୍ଚ




କୋରାପୁଟ, (ଡିକେ ନ୍ୟୁଜ୍): ଗତ ୨୧ ତାରିଖରେ ମାଲକାନଗିରି ଜିଲ୍ଲା କଟାମେଟାରୁ ଗ୍ରାମବାସୀମାନେ ଚର୍ଚ୍ଚରୁ ପ୍ରାର୍ଥନା କରି ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ଉଦ୍ଦେଶ୍ୟ ମୂଳକ ଭାବରେ ପୂର୍ବ ଯୋଜନାବଦ୍ଧ ଭାବରେ ପୂଜାସ୍ଥଳରେ ପ୍ରବେଶ କରି ବଳପୂର୍ବକ ଭାବରେ ନିରୀହ ପୂଜାରୀମାନଙ୍କୁ ଖଣ୍ଡା, ଠେଙ୍ଗା ଏବଂ କୋଡିକି ସାହାଯ୍ୟରେ ଆକ୍ରମଣ କରିଥିଲେ ଏବଂ ଅନେକ ଲୋକଙ୍କୁ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ କରିଥିଲେ। ପାଖାପାଖି ତିରିଶି ଜଣଙ୍କୁ ଆକ୍ରମଣ ହୋଇଥିଲା। ସେଥି ମଧ୍ୟରୁ ସାତ ଜଣ ଗୁରୁତ୍ୱର ହୋଇପଡ଼ିଥିଲେ। ସେମାନଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଆକ୍ରମଣ କରିଥିବା ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଦାବି କରାଯାଉଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଶେଷରେ ଖ୍ରୀଷ୍ଟିଆନ ମଞ୍ଚ ତରଫରୁ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ମାର୍କେଟିଙ୍ଗ ବ୍ରାଣ୍ଡିଙ୍ଗ ଅଧିକୃତ ବ୍ୟବହାରକାରୀ ପଞ୍ଜୀକରଣ କର୍ମଶାଳା

କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ସ୍ଥିତ ସଦଭାବନା ସଭା ଗୃହ ଠାରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ପ୍ରସାର ନିମନ୍ତେ ବିକ୍ରେତା ଗତିଶୀଳତା ଅଭିଯାନ ଏବଂ ଜ୍ଞାନ ବିନିମୟ ପଦକ୍ଷେପ ଅଧୀନରେ କୋରାପୁଟ କଳା ଜିରା ଚାଉଳ, କୋଟପାଡ ଶାଢ଼ି ଏବଂ କୋରାପୁଟ କଫିର ମାର୍କେଟିଂ, ବ୍ରାଣ୍ଡିଂ ଓ ଅଧିକୃତ ବ୍ୟବହାରକାରୀ ପଞ୍ଜିକରଣ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସମେତ ଅନ୍ୟାନ ଅଧିକାରୀ ଓ ଚାଷୀ, ବୁଣାକାର ଓ କଫି ଉଦ୍ୟାଗି ଭାଗ ନେଇଥିଲେ। ଓଡିଶାରେ ୨୬ ସାମଗ୍ରୀକୁ ଜିଆଇ ଟ୍ୟାଗର ମାନ୍ୟତା ମିଳିଛି। ସେଥିମଧ୍ୟରୁ କୋରାପୁଟ ଜିଲ୍ଲାର କଳାଜିରା ଚାଉଳ ଓ କୋଟପାଡ଼ ଶାଢୀକୁ ଜିଆଇ ଟ୍ୟାଗର ମାନ୍ୟତା ମିଳିଛି। କୋରାପୁଟ କଳା ଜିରା ଚାଉଳ, କୋଟପାଡ ଶାଢ଼ି କୋରାପୁଟ କଫିର ମାର୍କେଟିଂ, ବ୍ରାଣ୍ଡିଂ ଏବଂ ଅଧିକୃତ ଉପଭୋକ୍ତା ପଞ୍ଜିକରଣକୁ ବୃଦ୍ଧି କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ଏହାଦ୍ୱାରା ବ୍ରାଣ୍ଡିଂ ଏବଂ ପ୍ରୋତ୍ସାହନରେ କ୍ଷମତା ନିର୍ମାଣ କରି, ଜିଆଇ ଆଧାରିତ ଉତ୍ପାଦ ପଞ୍ଜିକରଣକୁ ଉତ୍ସାହିତ କରି ଏବଂ ଘରୋଇ ଏବଂ ରପ୍ତାନି ବଜାର ଅନୁସନ୍ଧାନ କରି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡ଼ିକର ଚାଷୀ ଗୋଷ୍ଠୀ, କାରିଗର ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସମର୍ଥନ କରିବା। କୋରାପୁଟର ଜିଆଇ ଟ୍ୟାଗ୍ ହୋଇଥିବା ଉତ୍ପାଦଗୁଡ଼ିକର ବଜାର ପ୍ରବେଶ ଏବଂ ବ୍ରାଣ୍ଡ ପରିଚୟକୁ ସୁଦୃଢ଼ କରିବା, ଯୋଗ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ଜିଆଇ ଅଧିକୃତ ଉପଭୋକ୍ତା ପଞ୍ଜିକରଣକୁ ସୁବିଧା ପ୍ରଦାନ କରିବା, ବିଶେଷଜ୍ଞଙ୍କ ନେତୃତ୍ୱରେ ଅଧିବେଶନ ମାଧ୍ୟମରେ ସ୍ଥାନୀୟ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡ଼ିକର ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସଶକ୍ତ କରିବା, ଆଦିବାସୀ ଏବଂ ଗ୍ରାମାଞ୍ଚଳ କ୍ଲଷ୍ଟରରେ ଉଦ୍ୟୋଗ ଏବଂ ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବାର ସରକାର ଲକ୍ଷ ରଖିଛନ୍ତି।

# ନିଶା ଦେଇ ନାବାଳିକାଙ୍କୁ ଦୁଷ୍କର୍ମ : ଭବାନୀଶଙ୍କର ଦାସ ଗିରଫ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ପ୍ରଥମେ ମାର୍କଣ୍ଡି ଆଉ ତା'ପରେ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ। ଏହି ଦୁଇ ଘଟଣା ସାରା ବିଶ୍ୱରେ ଓଡ଼ିଶାକୁ ଲଜ୍ଜିତ କରିଥିବା ବେଳେ ବ୍ରହ୍ମପୁରରେ ପୁଣି ମଙ୍ଗଳବାର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅନେକ ବରିଷ୍ଠ ବିଜେପି ନେତାଙ୍କ ଘନିଷ୍ଠ କୁହାଯାଉଥିବା ଓ ବିଜେପିର ଆଗଧାଡ଼ିର ନେତା ପରିଚୟ ଦେଉଥିବା ନକଲି ଡାକ୍ତର ଭବାନୀଶଙ୍କର ଦାସଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି ପୋଲିସ। ଦୁଷ୍କର୍ମରେ ତାଙ୍କୁ ସହାୟତା କରିଥିବା ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗତ ୨୩ ତାରିଖ ରାତି ପ୍ରାୟ ୧୧ଟା ସମୟରେ ଜଣେ ୪୫ ବର୍ଷୀୟ ମହିଳା ନିଜର ନାବାଳିକା ଝିଆରୀକୁ ଦୁଷ୍କର୍ମ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଜପେୟୀ ଆରୋଗ୍ୟଧାମ ନାମକ ଏକ ଘରୋଇ କ୍ଲିନିକ ଚଳାଉଥିବା ଡାକ୍ତର ଭବାନୀ ଶଙ୍କର ଦାସ ନାବାଳିକାଙ୍କୁ ବଳତ୍କାର କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଲା ଯେ ପୀଡ଼ିତା ନାବାଳିକା ଜଣକ ଅଭିଯୋଗକାରିଣୀଙ୍କ ଭଉଣୀଙ୍କ ଝିଅ। ନିଜ ଗ୍ରାମର ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ପୀଡ଼ିତାଙ୍କ ମାଆ ଭବାନୀଙ୍କ ସହିତ ପରିଚିତ ହୋଇଥିଲେ। ଡାକ୍ତର ଭବାନୀ ଶଙ୍କର ଦାସ ଗରିବ ଏବଂ ଅବହେଳିତ ଝିଅ ଓ ମହିଳାଙ୍କୁ ମାଗଣାରେ ରହିବା ଓ ପଢ଼ିବାର ସୁବିଧା ଉପଲବ୍ଧ କରାନ୍ତି ବୋଲି ଅଙ୍ଗନବାଡ଼ି କର୍ମୀ ଜଣକ ପୀଡ଼ିତାଙ୍କ ମାଆଙ୍କୁ କହିଥିଲେ। ପୀଡ଼ିତାଙ୍କୁ ମାଗଣା ରହିବା ଓ ପାଠପଢ଼ିବାର ବ୍ୟବସ୍ଥା ସହିତ ବିଏସସି ନର୍ସିଂ ଡିଗ୍ରୀ କରାଇଦେବାର ପ୍ରତିଶ୍ରୁତି ଦେବା ପରେ ଭବାନୀଙ୍କ କଥାରେ ବିଶ୍ୱାସ କରି ପୀଡ଼ିତାଙ୍କୁ ତାଙ୍କ ମାଆ ଭବାନୀଙ୍କ କ୍ଲିନିକରେ ଛାଡ଼ିବାକୁ ରାଜି ହୋଇଥିଲେ। ଗତ ୨୩ ତାରିଖରେ ୧୭ବର୍ଷୀୟା ଝିଅଟି ନିଜ ମାଉସୀ ଓ ସମ୍ପର୍କୀୟ ଭଉଣୀ ସହିତ କ୍ଲିନିକକୁ ଆସିଥିଲେ। ସନ୍ଧ୍ୟା ୫ଟା ସମୟରେ ସେମାନେ ଭବାନୀଙ୍କ ନିକଟରେ ନାବାଳିକା ଝିଅକୁ ଛାଡି ଚାଲିଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଭିଯୁକ୍ତ ଶ୍ରୀ ଦାସ ଝିଅଟିକୁ ସେହି ଆପାର୍ଟମେଣ୍ଟର ତୃତୀୟ ମହଲାରେ ଥିବା ୩୦୨ ନମ୍ବର ଫ୍ଲାଟକୁ ନେଇଥିଲେ। ସେଠାରେ ଭବାନୀଙ୍କ କ୍ଲିନିକରେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ସାହୁ ନାବାଳିକାଙ୍କୁ ପିଇବା ପାଇଁ କିଛି ପାଣି ଦେଇଥିଲେ। ତାହାକୁ ପିଇବା ପରେ ପୀଡ଼ିତା ଦୁର୍ବଳ ଅନୁଭବ କରିଥିଲେ। ଏହାପରେ ଭବାନୀ ଶଙ୍କର ଦାସ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା କୌଣସିମତେ ସେଠାରୁ ଖସି ଆସି ନିଜ ମାଉସୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୀଡ଼ିତା ଓ ତାଙ୍କ ମାଉସୀ ବୈଦ୍ୟନାଥପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ବୈଦ୍ୟନାଥପୁର ଥାନା ପୋଲିସ ଘଟଣାର ତଦନ୍ତ କରି କେସ୍ ନମ୍ବର - ୩୧୪ରେ ଧାରା ୧୨୩/ ୬୪ (୨) (ସି)/ ୩୫୧ (୩) ବିଏନ୍ଏସ୍ ଆର/ଡବ୍ଲୁ ୬ ପକ୍ସୋ ଆକ୍ଟରେ ପଞ୍ଜିକୃତ କରିବା ସହ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଛି। ତଦନ୍ତକାରୀ ପୋଲିସ ଓ ସାଇଣ୍ଟିଫିକ ଟିମ ବାଜପେୟୀ ଆରୋଗ୍ୟଧାମ କ୍ଲିନିକ ଏବଂ ଆପାର୍ଟମେଣ୍ଟକୁ ଯାଇ ପ୍ରମାଣ ସଂଗ୍ରହ କରିଛନ୍ତି। ସେପଟେ ତଦନ୍ତ ବେଳେ ଭବାନୀ ଶଙ୍କର ଦାସର ହୋମିଓପାଥି ଡିଗ୍ରୀ ନକଲି ବୋଲି ଜଣାପଡିଥିବା ବେଳେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଓ ସାର୍ଟିଫିକେଟ ସମ୍ପର୍କିତ ଅଧିକ ଖୋଳତାଡ ଜାରି ରହିଥିବା ବ୍ରହ୍ମପୁର ଏସପି କହିଛନ୍ତି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ନକଲି ଡାକ୍ତର ତଥା ବାଜପେୟୀ ଆରୋଗ୍ୟଧାମ କ୍ଲିନିକର ମାଲିକ ଭବାନୀ ଶଙ୍କର ଦାସ(୪୭)ଙ୍କୁ ଗିରଫ କରିଥିବା ବେଳେ ଏଥିରେ ତାଙ୍କୁ ସହଯୋଗ କରିଥିବା ଜଣେ ଅଙ୍ଗନୱାଡି କର୍ମୀ (୫୦) ଓ ପ୍ରିୟଙ୍କା ସାହୁ (୨୧)ନାମକ ଅନ୍ୟଜଣେ ମହିଳା କର୍ମଚାରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ବନ ବିଭାଗ ଦ୍ୱାରା ଆଲୋକୀକରଣ ବ୍ୟବସ୍ଥା



ଜଗନ୍ନାଥ ପ୍ରସାଦ, (ଡିକେ ନ୍ୟୁଜ୍): ଲୋକଙ୍କ ସୁରକ୍ଷାରେ ବନବିଭାଗ, ବନ ବିଭାଗ ଦ୍ୱାରା ବିଭିନ୍ନ ସମୟର ବିଭିନ୍ନ ପ୍ରକାରର ଜନ ହୀତକାରୀ ତଥା ବନ୍ୟ ଜନ୍ତୁମାନଙ୍କ ପାଇଁ ବହୁ ଯୋଜନା ହାତକୁ ନେଇଥାଏ। ଏହି ପରିପ୍ରେକ୍ଷିରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଅନ୍ତର୍ଗତ ତଥା ଘୁମୁସର ବନଖଣ୍ଡ ଅଧିନ ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଗେରେଡ଼ା ବିଟ୍ କେପିଟି ମୁଖ୍ୟରାସ୍ତାରେ ବନ ବିଭାଗ ତରଫରୁ ଆଲୋକିକରଣ ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି ଜଗନ୍ନାଥ ପ୍ରସାଦ ବନାଞ୍ଚଳରେ ଜଙ୍ଗଲି ଜନ୍ତୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି ବିଶେଷ କରି ଧାନ ଚାଷ ସମୟରେ ଲୋକଙ୍କ ଧାନ ଫସଲ ନଷ୍ଟ କରୁଥିବାର ଦେଖାଯାଏ। ଏହାକୁ ଆଖି ଆଗରେ ରଖି ବନଖଣ୍ଡ ଅଧିକାରୀ ଭିପାଶା ପାରୁଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଫରେଷ୍ଟର ଦିଲ୍ଲୀପ ଦାସଙ୍କ ସମେତ ବନ ସୁରକ୍ଷା ସମିତିର କାର୍ଯ୍ୟକ୍ରତା ଏବଂ ଗଜ ସାଥିଙ୍କ ସହ ଇଲେକ୍ଟ୍ରୋନିକ୍ସ କର୍ମଚାରୀ ଉପସ୍ଥିତ ରହି ଏକ ସୌର ଚାଳିତ ଲାଇଟ୍‌ର ଆଲୋକିକରଣ କରିଥିବା ଦେଖିବାକୁ ମିଳିଛି। ତେବେ ଲୋକଙ୍କ ଯିବା ରାସ୍ତାରେ ବନ୍ୟଜନ୍ତୁ ହାତୀ, ବରାହ, ଭାଲୁ ଭଳି ହିଂସ୍ରଜନ୍ତୁଙ୍କ ଚଳାପଥ ହେଉଥିବାରୁ ବିଭିନ୍ନ ସମୟରେ ସାଧାରଣ ଲୋକଟିଏ ଆକ୍ରମଣର ଶିକାର ହେଉଛି। ବନ ବିଭାଗର ଏଭଳି କାର୍ଯ୍ୟ ଦେଖି ଅଞ୍ଚଳରେ ଜନ ସାଧାରଣଙ୍କ ବନ ବିଭାଗ ପ୍ରତି ଆସ୍ଥା ବଢ଼ିଥିବା ଦେଖିବାକୁ ମିଳିଛି।

# ଦାବି ପୂରଣ ନହେଲେ, ଜୁଲାଇ ୮ରେ ଷ୍ଟିଅରିଂ ଛାଡ ଆନ୍ଦୋଳନ



ନିଆଳି, (ଡିକେ ନ୍ୟୁଜ୍): ଓଡ଼ିଶା ଡ୍ରାଇଭର ମହାସଂଘ କଟକ ଜିଲ୍ଲା ନିଆଳି ଶାଖା ପକ୍ଷରୁ ୬ଟି ମୁଖ୍ୟ ସମସ୍ୟା ସମାଧାନ ଦାବିରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ୱାକରର ୱେଲଫେୟାର୍ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ୍ କରିବା, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡି ପାର୍କିଂ ଏବଂ ଡ୍ରାଇଭରମାନଙ୍କ ବିଶ୍ରାମ ଲାଗି ପାର୍କିଂ ସହିତ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦କିମି ଦୂରତାରେ କରାଯାଉ। ଖଣି ଖାଦାନ ଓ କଳକାରଖାନା ଗୁଡିକରେ ଶତକଡା ୭୦ ଭାଗ ଓଡିଶା ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ସହ ସେପ୍ଟେମ୍ବର ୧ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା ଆଦି ରହିଛି। ଏହି ଦାବି ଗୁଡିକ ପ୍ରତି ସରକାର ଅଣଦେଖା କଲେ ଆସନ୍ତା ଜୁଲାଇ ୮ତାରିଖରୁ ଡ୍ରାଇଭରମାନେ ଷ୍ଟିଅରିଂ ଛାଡି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଡ୍ରାଇଭର ମହାସଂଘର ନିଆଳି ଶାଖା ସଭାପତି ଗୋବିନ୍ଦ ଚନ୍ଦ୍ର ସେଠୀ, ଉପସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ସମ୍ପାଦକ ନିରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ ବାଲ୍, ଉପଦେଷ୍ଟା ଦିପ୍ତି ରଞ୍ଜନ ପ୍ରଧାନ, ସହ ଉପଦେଷ୍ଟା ପ୍ରଶନ୍ତ ସାହୁ, ପହଙ୍ଗା ପଞ୍ଚାୟତ ସଭାପତି ନାରାୟଣ ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିଆଳି ବିଡିଓ, ତହସିଲଦାର ଓ ଥାନା ଅଧିକାରୀ ପ୍ରମୁଖଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ।

# ବିଜୁ ଯୁବଛାତ୍ର ତରଫରୁ ଧାରଣା, ରାସ୍ତାରୋକ

ଜୟପୁର, (ଡିକେ ନ୍ୟୁଜ୍): ବିଜେଡିର ଡାକରାରେ ରାଜ୍ୟରେ ଯୁବ ଛାତ୍ର ରାଜ ରାସ୍ତାକୁ ଓହ୍ଲାଇ ଥିବାବେଳେ କୋରାପୁଟ ଜିଲ୍ଲା ଜୟପୁରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ମଙ୍ଗଳବାର ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୁଦ୍ଧ ନାରା ବାଜି କରିଥିଲେ। ବିଶ୍ୱ ବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରି ଟାୟାର ଜାଳି ବିକ୍ଷୋଭ କରିଥିଲେ। ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବିଜେଡି ଯୁବ ଓ ଛାତ୍ର ଶାଖା ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଚାଲିଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୁବତୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଘଟୁଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମନାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଥିଲା। ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଉକ୍ତ ଘଟଣାର ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ନ ଆସିଲେ ରାଜ୍ୟ ବ୍ୟାପି ଆନ୍ଦୋଳନ ତୀବ୍ରତର ହେବ ବୋଲି ବିଜେଡ଼ି ନେତାମାନଙ୍କ ସହ କର୍ମୀମାନେ କହିଛନ୍ତି। ରାସ୍ତା ଅବରୋଧ ଯୋଗୁଁ ଉଭୟ ପଟେ ଗାଡି ଅଟକି ରହିଥିଲା ଓ ଏହି କାର୍ଯ୍ୟକ୍ରମରେ ଯୁବ ନେତା ତାପସ ପଣ୍ଡା, ସୁବ୍ରତ ବାଘ, ଶିବା କଣ୍ଡପଣି, ଆଶିଷ ପଣ୍ଡା, ବାପି ପଣ୍ଡା, ରାଜା ପାଢ଼ୀ, ମଧୁ ରିଡୀ, ଚିକୁନ୍ ପଣ୍ଡା. ବିରେନ୍ଦ୍ର ସାଗର, ଅର୍କୁଲୁ ଶ୍ରୀନିବାସ, ହର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଧର୍ମଗଡ଼, (ଡିକେ ନ୍ୟୁଜ୍): ବିଜୁ ଜନତା ଦଳ ତରଫରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଯଥା ମଣ୍ଡିମାନଙ୍କରେ ଥିବା ଚାଷୀଙ୍କ ଧାନ ଶୀଘ୍ର କିଣିବା, ଲେପ୍ସ ହୋଇଥିବା ଟୋକନକୁ ପୁନଃ ଇସୁ କରିବା, ବର୍ଷାରେ ଭିଜି ଯାଇଥିବା ଚାଷୀଙ୍କ କ୍ଷୟକ୍ଷତି ଦେବା, କଟନି ଛଟନି ବନ୍ଦ କରିବା, ଚାଷୀଙ୍କୁ ଧାନ ବସ୍ତା ପ୍ରଦାନ ଭଳି ବିଭିନ୍ନ ସମସ୍ୟା ନେଇ ବିଜୁ ଜନତା ଦଳ ତରଫରୁ ଧର୍ମଗଡ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତୀର୍କିଙ୍କୁ ଦାବିପତ୍ର ପ୍ରଧାନ କରାଯାଇଥିଲା। ଖୋଲା ଆକାଶ ତଳେ ମଣ୍ଡିମାନଙ୍କରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଥିବା ବେଳେ ଲଘୁଚାପ ଜନିତ ବର୍ଷାରେ ଚାଷୀଙ୍କ ଧାନ ଭିଜି ଗଜା ହୋଇଯାଇଛି। ଚାଷୀ ମଣ୍ଡିରେ ୧୫ରୁ ୨୦ ଦିନ ଧରି ଦିନ ରାତି ନିଜ କଷ୍ଟ ଉପାର୍ଜିତ ଶୁଖା ଧାନ ଜଗି ବସୁଛନ୍ତି। ଚାଷୀଙ୍କ ଟୋକ ମଧ୍ୟ ଲେପ୍ସ ହେଉଥିବା ଅଭିଯୋଗ ହୋଇଛି। ଦିନକୁ ଗୋଟିଏ କିମ୍ବା ଦୁଇଟି ଗାଡି ଆସୁଥିବାରୁ ଧର୍ମଗଡ ବ୍ଲକର ବୋଡେନ, ଖଇରପଦର, ନନ୍ଦ ଗାଁ, ଧର୍ମଗଡ ଭଳି ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାର ତୁରନ୍ତ ଚାଷୀଙ୍କ ଧାନ କ୍ରୟ ନକଲେ ଆଗାମୀ ୫ ଦିନ ମଧ୍ୟରେ ରାଜରାସ୍ତାରେ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ବିଜୁ ଜନତା ଦଳ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ଜିଲ୍ଲା ସମ୍ପାଦକ ଗୌରଚନ୍ଦ୍ର ଛତ୍ରିଆ, ଯୁବ ନେତା ଡାକେସ୍ୱର ଲହଜଳ, ବ୍ଲକ ସଭାପତି ଟିକମନ ଯାଦବ, ଜୋନ ୧ ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଜୋନ ୩ ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଏସାଲ, ବ୍ଲକ ସଭାପତି ଟିକମନ ଯାଦବ, ସନ୍ତୋଷ ପାଢ଼ୀ, ସୁନୀଲ ଭଏସାଲ, ରତନ ନାଏକ, ଲବଣି ରାଉତ, ଗୌର ବାଗ, ସମେତ ଅନେକ ବିଜେଡି କର୍ମୀ ଚେତାବନୀ ଦେଇଛନ୍ତି।

# ରାମଚନ୍ଦ୍ର ବଜାର ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭୂମି ପୂଜା



ତାଳଚେର, (ଡିକେ ନ୍ୟୁଜ୍): ରାମଚନ୍ଦ୍ର ବଜାର ନିକଟସ୍ଥ ସୌଭାଗ୍ୟ ସାଗର ପୋଖରୀ ପାଖରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ରଭୂତିଆ ଯୋଗଦେଇ ତାଙ୍କ କରକୋମଳରେ ଏହି ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏହା ନିର୍ମାଣ ହେଲେ ବିଶେଷ କରି ୯ ନମ୍ବର ୮ନମ୍ବର ୱାର୍ଡ ବାସୀ ଉପକୃତ ହେବା ସହିତ ଆଖ ପାଖ ସଲଗ୍ନ ୱାର୍ଡର ଲୋକମାନେ ମଧ୍ୟ ଏହାର ଲାଭ ପାଇପାରିବେ ବୋଲି ନଗରପାଳ ଶ୍ରୀ ଭୂତିଆ ପ୍ରକାଶ କରିଥିଲେ। ତେବେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ଆପତ୍ତି ହୋଇ ଆସୁଥିବା ବେଳେ ଲୋକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ହେଉ ଥିବାରୁ ନଗର ପାଳ ପବିତ୍ର ଭୁତିଆଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଯାଉଥିବା କଲ୍ୟାଣ ମଣ୍ଡପ ୮,୯, ନମ୍ବର ୱାର୍ଡ ବାସୀର ଜନସାଧାରଣ ବିବାହ ବ୍ରତ ଓ ମେଳା ମହୋତ୍ସବ ପାଇଁ ଭୋଗୁଥିବା ଅସୁବିଧା ଦୁର ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଆଜିର ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ୯ ନମ୍ବର ୱାର୍ଡ କାଉନସିଲର ମମତା ରାଉତ, ୮ନମ୍ବର ୱାର୍ଡ଼ କାଉନସିଲର ସନ୍ତୋଷ ବେହେରା, ୪ନମ୍ବର ୱାର୍ଡ କାଉନସିଲର ଜଗନ୍ନାଥ ଗଡ଼ନାୟକ, ବଜାର କମିଟି ସଭାପତି ସୁଧୀର ପଟ୍ଟନାୟକ, ପଞ୍ଚାନନ ସାହୁ, ତପନ କୁମାର ମହାରଣା, ଭାଗ୍ୟରଥି ମହାପାତ୍ର, ଲଳିତ ବଲ୍ଲଭ ରାଉତ ପୌର ପରିଷଦ ଯନ୍ତ୍ରୀ ଗୋଲେଖ ସାହୁ, ଆସିଷ୍ଟାଣ୍ଡ ଯନ୍ତ୍ରୀ ପ୍ରଣତି ନନ୍ଦ, ଇଂ.ଶଶାଙ୍କ ଶେଖର ନାୟକ, ପଦ୍ମିନୀ ବାରିକ, ସତ୍ୟଭାମା ଦାସଙ୍କ ସମେତ ବହୁ ବରିଷ୍ଠ ସାଧାରଣ ଲୋକ ମହିଳା ବଜାର କମିଟି ସଦସ୍ୟମାନେ ସାମିଲ ଥିଲେ। ତେବେ ନଗରପାଳ ଶ୍ରୀ ଭୁତିଆ କଥା ଦେଇ କଥା ରଖି କାର୍ଯ୍ୟରେ ପରିଣତ କରିଥିବାରୁ ସାଧାରଣରେ ଖୁସି ବ୍ୟକ୍ତ କରଯାଇଛି। ତେବେ ଆଗକୁ ଏହି ବଜାରର ପୁରୁଣା ଦୋକାନ ଗୃହକୁ ଭଙ୍ଗାଯାଇ ନୂତନ ଦୁଇ ମହଲା ଅଟ୍ଟାଳିକା ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ନଗରପାଳ ଶ୍ରୀ ଭୂତିଆ ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ।

# ବର୍ଷା ପାଣିରେ ବାସି ଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ଖେଳ ପଡ଼ିଆ ନିକଟସ୍ଥ ଡ୍ରେନରେ ବର୍ଷା ପାଣିରେ ବାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିଛନ୍ତି ସ୍ଥାନୀୟ ଲୋକେ। ତେବେ ଉକ୍ତ ବ୍ୟକ୍ତି ଜଣକ ଜୀବତ ଅଛନ୍ତି କି ନା ନାହିଁ ତାହା ମେଡ଼ିକାଲ ନେଲା ପରେ ଜଣାପଡିବ ବୋଲି କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ କେଉଁଠାରୁ ସେ ଉକ୍ତ ଡ୍ରେନରେ ବାସିଆସିଲେ ତାହା ସ୍ପଷ୍ଟ ଜଣାପଡିନାହିଁ। ଏବେ ଘଟଣା ସ୍ଥଳରେ ବହୁ ଲୋକ ଭିଡ଼ କରିଥିବା ଜଣାପଡ଼ିଛି।

# ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣାକୁ ସରକାରୀ ମହାବିଦ୍ୟାଳୟ ସମ୍ମୁଖୀନରେ ଆନ୍ଦୋଳନ

କୋରାପୁଟ, (ଡିକେ ନ୍ୟୁଜ୍): ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନା ବିରୋଧରେ ବୁଧବାର ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯାଉଛି। କୋରାପୁଟ ସଦର ମହକୁମା ଡିଏଭି କଲେଜ ସମ୍ମୁଖରେ ବିଜୁ ଯୁବ ଓ ଛାତ୍ର ତରଫରୁ ଆନ୍ଦୋଳନ କରାଯାଇଥିଲା। ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ମେଳା କରୁଛି। ବିକାଶର ଗାନ କରୁଛି କିନ୍ତୁ ନାରୀ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଫେଲ ମାରିଛି। ଓଡିଶାରେ ନାରୀମାନେ ସୁରକ୍ଷିତ ନୁହନ୍ତି। ପ୍ରତି ଦିନ ନାରୀ ନିର୍ଯ୍ୟାତନା ବଢି ଚାଲିଛି। ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଯାହା ସାରା ଦେଶ ପାଇଁ ଏକ ଲଜ୍ୟାର ବିଷୟ ପାଲଟିଛି। ଓଡିଶା ସରକାର ଆଇନ ଶୃଙ୍ଖଳା ଯୋଗାଇ ଦେବାରେ ଫେଲ ମାରିଛି। ଓଡିଶାରେ ନାରୀ ସୁରକ୍ଷିତ ନୁହନ୍ତି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ଆମେରିକାବାସୀଙ୍କୁ ଓଡିଶା ନ ଆସିବା ପାଇଁ ବାରଣ କରିଛନ୍ତି। ଯାହା ବିଶ୍ୱ ପାଇଁ ଏକ ଲଜ୍ଜାର ବିଷୟ। ଡବଲ ଇଞ୍ଜିନ ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି। ଛାତ୍ରଛାତ୍ରୀମାନେ ହାତରେ ଫ୍ଲାଗ କାର୍ଡ ଧରି ପ୍ରତିବାଦ କରିଥିଲେ। ଆଜିର କର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଯୁବ ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ସମେତ ପୂର୍ବତନ ସାଂସଦ ଝିନ ହିକକା, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପୋଡାଲଙ୍କ ସମେତ ବିଜୁ ଜନତା ଦଳର ମହିଳା ନେତ୍ରୀ ସମେତ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ଭାରତୀୟ ମଜଦୁର ସଂଘର ଜିଲ୍ଲା ବୈଠକ




ରାୟଗଡ଼ା, (ଡିକେ ନ୍ୟୁଜ୍): ରାୟଗଡ଼ା ବରିଷ୍ଠ ନାଗରିକ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ମୋହନ ରାଓ ମାଝି ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସହ ସଂଗଠନ ମନ୍ତ୍ରୀ ଗଣେଶ ମିଶ୍ରାଜୀ, ରାଜ୍ୟ ସାଧାରଣ ସମ୍ପାଦକ ପୃଥିବୀ ରାଜ ପଣ୍ଡା, ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଆଲୋକ ରଥ, ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ଲେଙ୍କା ଯୋଗ ଦେଇ ଆଗାମୀ ଫେବୃଆରୀ ମାସ ୨୦୨୬ ମସିହାରେ ତିନି ଦିନ ଧରି ପୁରୀ ଠାରେ ରାଷ୍ଟ୍ରୀୟ ଅଧିବେଶନ ହେବାକୁଥିବା ଏବଂ ଭାରତୀୟ ମଜଦୁର ସଂଘର ୭୦ ବର୍ଷ ପୂର୍ତ୍ତୀ ଅବସରରେ ନୂତନ ସଂଗଠନ ସୃଷ୍ଟି କରିବା ସହ ଭାରତୀୟ ମଜଦୁର ସଂଘ ସଂଲଗ୍ନ ହୋଇଥିବା ସଙ୍ଗଠନ ଗୁଡିକୁ ସୁଦୃଢ଼ କରିବା ସହ ଜିଲ୍ଲା ସମ୍ମିଳନୀ କରି ଆସନ୍ତା କାର୍ଯ୍ୟକ୍ରମରେ କିପରି ସାହାଯ୍ୟ ସହଯୋଗ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ଭାରତୀୟ ମଜଦୁର ସଂଘକୁ ପଞ୍ଚାୟତ ଏବଂ ବ୍ଲକସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ କିଭଳି ସଂଗଠନକୁ ବିସ୍ତାର ଓ ମଜଭୂତ କରାଯିବ ତା ପାଇଁ ପ୍ରସ୍ତୁତି କରାଯାଇଥିଲା ଏବଂ ବିଭିନ୍ନ ସଂଗଠନର ସମସ୍ୟା ଦାବି ଗୁଡିକକୁ କିଭଳି ବ୍ଲକ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଆଲୋଚନା କରାଯାଇ ତାହାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଶେଷରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଧର୍ମ ସିଂ ନାଗ, ଦୂର୍ଗା ମାଧବ ଘୋଷ, ଜୟନ୍ତୀ ପଦ୍ମାଳୟା ସାହୁ, ଏ ତିରୁପତି ରାଓ, ଉଷାରାଣୀ ଦାଶ, ନେହା ସିଂ, ଆନନ୍ଦ ରାଉଳ, ଆନନ୍ଦ ରାଓ, ସୁନ୍ଦର ରାଓ, ଗୀତାଞ୍ଜଳି ହୀଆଲ, କେ ରାମ ବାବୁ , ପରିଚାଳନା କରିଥିଲେ। ଉକ୍ତ ବୈଠକରେ ଅଲ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର ଆସିସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡିଶା ପାଚିକା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଜେକେ ପେପର ମଜଦୂର ସଂଘ, ଉତ୍କଳ ଆଲୁମିନା ଠିକା ମଜଦୂର ସଂଘ, ଇମ୍ପା ଠିକା କର୍ମଚାରୀ ସଂଘ, ରାୟଗଡ଼ା ପରିବା ବ୍ୟବସାୟ ମଜଦୂର ସଂଘ, ରାୟଗଡ଼ା ସଫେଇ ମଜଦୂର ସଂଘ, ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୂର ମହାସଂଘ, ରାୟଗଡ଼ା ଜିଲ୍ଲା ରାଜ ମେସ୍ତ୍ରୀ ସଂଘ ସହ ୧୧ଟି ବ୍ଲକର ନେତୃବୃନ୍ଦ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗାଇକି ପଘା ନାହିଁ, ପ୍ରଶାସନକୁ ନିଘା ନାହିଁ



କୋଟପାଡ଼, (ଡିକେ ନ୍ୟୁଜ୍): କୋଟପାଡ଼ ସହରରେ ଗୃହପାଳିତ ପଶୁଙ୍କ ରାସ୍ତାରେ ବିଚରଣ କରିବା ଏକ ପ୍ରକାର ନିୟମ ହୋଇଯାଇଛି। ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ଜାତୀୟ ରାଜପଥ ଓ ବିଭିନ୍ନ ସାହିର ଗଳି ରାସ୍ତା। ସହରର ଯେଉଁଆଡ଼େ ଚାହିଁବ ଖାଲି ପଲ ପଲ ଗାଇଗୋରୁ। ଗାଇଗୋରୁ ମାଲିକମାନେ ନିଜ ଗାଇ ଠାରୁ କ୍ଷୀର କାଢିବା ପରେ ରାସ୍ତା ଉପରକୁ ଛାଡ଼ି ଦେଉଥିବା ଦେଖାଦେଉଛି। ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ, ଅକାରଣେ ଗୋସମ୍ପଦ ସହ ଲୋକଙ୍କ ବି ଜୀବନ ଚାଲିଯାଉଛି। ଏ ବିଷୟରେ ବିଭିନ୍ନ ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପରିଷଦର ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରୁ ଛତିଶଗଡକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଉପରେ ଦୈନିକ ହଜାର ହଜାର ଭାରୀ ଯାନ ଓ ହାଲୁକା ଯାନ ଯାତାୟାତ କରିଥାଏ। ଜାତୀୟ ରାଜପଥ ବର୍ତ୍ତମାନ ଗାଈଗୋରୁ ଆଶ୍ରୟସ୍ଥଳୀ ପାଲଟିଥିବା ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପାଖରେ କୌଣସି କାଞ୍ଜିଆହୁଦା ନଥିବା ଯୋଗୁଁ ଗାଈ ମାଲିକମାନେ ଜାଣି ଶୁଣି ନିୟମର ଖୋଲା ଖୋଲି ଉଲଂଘନ କରୁଥିବା ଦେଖାଦେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ କ୍ରେତା ଓ ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ




ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଓରମାସ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରେତା ଓ ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଓରମାସ ଉପ- ମୁଖ୍ୟ ନିର୍ବାହୀ ଅଧିକାରୀ ରାଜ ଗୋପାଳ ଦାସ ଏବଂ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାର ହସ୍ତ ଶିଳ୍ପ ତଥା ହସ୍ତତନ୍ତ କାରିଗରମାନଙ୍କ ଦ୍ୱାରା ଉତ୍ପାଦିତ ଓ ସାମଗ୍ରୀର ଉପଯୁକ୍ତ ବଜାରୀ କରଣ, ଗୁଣବତ୍ତା ବୃଦ୍ଧି କରିବା, ବ୍ରାଣ୍ଡିଂ ଓ ଭଲ ପ୍ୟାକେଜିଂ କରି ବାହାର ବଜାର ସହ ଏକ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ଦିଗରେ ଜିଲ୍ଲାପାଳ ଶ୍ରୀ ରାଣା ଗୁରୁତ୍ୱାରୋପ କରିବାସହ ବିଭାଗୀୟ ଅଧିକାରୀମାନେ ଏ ଦିଗରେ ଯଥେଷ୍ଟ ଯତ୍ନଶୀଳ ହୋଇ ଖୋର୍ଦ୍ଧା ଜିଲ୍ଲାର ଔଦ୍ୟୋଗିକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରେତା ସଂସ୍ଥା ଆଇଟିସି ଇଣ୍ଡିଆ ଲିମିଟେଡ, ଫେବ ଇଣ୍ଡିଆ, କୋଟପାଡ଼ ସମବାୟ ସମିତି, କୋରାପୁଟ, ଭିଲା ମାର୍ଟ, ଗ୍ରାମୀଣ ବଜାର, ଭୁବନେଶ୍ୱର, ସ୍ୱର୍ଣ୍ଣକ୍ଷହାର, ଆର ଫେଶନ, ଭୁବନେଶ୍ୱର, ମିଲେଟ କେୟାର ସେଣ୍ଟର ଏବଂ ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼ ପ୍ରମୁଖ ସଂସ୍ଥା ଗୁଡିକ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ କୃଷିଜାତ ପନିପରିବା, ଶସ୍ୟ ଜାତୀୟ ପଦାର୍ଥ, ହସ୍ତ ଶିଳ୍ପ ତଥା ହସ୍ତ ତନ୍ତ ସାମଗ୍ରୀକୁ ବଜାରିକରଣ ପାଇଁ ନିଜନିଜର ସ୍ୱୀକୃତି ପ୍ରଦାନ କରିଥିଲେ। ଏହି ଅବସରରେ କ୍ରେତା ସଂସ୍ଥା ଗୁଡିକୁ ଖୋର୍ଦ୍ଧା ଜିଲ୍ଲାର ଉତ୍ପାଦ ଗୁଡ଼ିକର ବିପଣନ ନିମନ୍ତେ ଧଳା ପଥର, ପରଦା ଶାଢ଼ୀ, ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା, ଜଟଣୀ ଅଞ୍ଚଳର ବଡି, ବାଲିଅନ୍ତା ଓ ବାଲିପାଟଣାର ପନିପରିବା, ବାଣପୁର, ବେଗୁନିଆ ଓ ବାଲିପାଟଣାର ମୁଗ ଡାଲି, ବୋଲଗଡର ଅଗରବତୀ, ଜଟଣୀ, ତରାବୋଇର ହସ୍ତତନ୍ତ, ବାଲିଅନ୍ତାର ପଟ୍ଟଚିତ୍ର ଓ ତାଳପତ୍ର ହସ୍ତଶିଳ୍ପ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବ୍ୟବସାୟ ପ୍ରବନ୍ଧକ, ଓରମାସ, ହିମାଂଶୁ ପଟ୍ଟନାୟକ, ପୁନମ ପ୍ରଧାନ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

# ବିଜେପି ପକ୍ଷରୁ କଳା ଦିବସ ପାଳିତ

ପାରାଦୀପ, (ଡିକେ ନ୍ୟୁଜ୍): ୧୯୭୫ ମସିହାରେ କଂଗ୍ରେସ ଦଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ଏହି କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ପାରାଦୀପ ନଗର ବିଜେପି ଦଳ ପକ୍ଷରୁ ଷଣ୍ଢକୁଦ ବସ୍ତିରେ ଦଳୀୟ କାର୍ଯ୍ୟାଳୟରେ ବୁଧବାର ଦିନ କଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂ, ବିଜେପି ନେତା ଅର୍ଜିଲା ଶିବା, ସୋଲେମାନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ ବେହେରାଙ୍କ ସମେତ ବହୁ ବିଜେପି ଆଗଧାଡିର ନେତୃବୃନ୍ଦ ଓ ଦଳୀୟ କର୍ମୀ ଉପସ୍ଥିତ ରହି ଏହି ଜରୁରୀକାଳୀନ ପରିସ୍ଥିତି ଦେଶରେ କଳା ଅଧ୍ୟାୟ ସୃଷ୍ଟି କରିଥିବା ନେଇ ପ୍ରକାଶ କରିଥିଲେ।

# ନ୍ୟାର୍ଯ୍ୟଦାବି ପାଇଁ ସ୍ୱର ଉଠାଇ ଚର୍ଚ୍ଚାରେ ପୂର୍ବ ଉପକୂଳ ଶ୍ରମିକ ସଂଘ




ପାରାଦୀପ, (ଡିକେ ନ୍ୟୁଜ୍): ଶ୍ରମିକମାନଙ୍କ ନ୍ୟାର୍ଯ୍ୟଦାବି ପାଇଁ ସ୍ୱର ଉଠାଇ ଚର୍ଚ୍ଚାରେ ପୂର୍ବ ଉପକୂଳ ଶ୍ରମିକ ସଂଘ। ପାରାଦୀପ ରିଫାଇନେରୀରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବ ଉପକୂଳ ଶ୍ରମିକ ସଂଘ ତରଫରୁ କରାଯାଇଥିବା ପ୍ରତିବାଦର ଦୁଇଦିନ ପରେ ମୁଣ୍ଡନୁଆଇଁଲେ ପାରାଦୀପ ତୈଳବିଶୋଧନାଗାର ଅଧିକାରୀ, ଶ୍ରମିକ ନେତାଙ୍କୁ ଡକାଇ କରିଲେ ଆଲୋଚନା। ତିନିମାସ ମଧ୍ୟରେ ଶ୍ରମିକମାନଙ୍କ ସମସ୍ୟାକୁ ଦୂର କରିବାକୁ ପ୍ରତିଶୃତି ଦେଇଛନ୍ତି ପାରାଦୀପ ତୈଳବିଶୋଧନାଗାର ଅଧିକାରୀ। ଯାହାକୁ ନେଇ ପୂର୍ବ ଉପକୂଳ ଶ୍ରମିକ ସଂଘର ଐତିହାସିକ ବିଜୟ ବୋଲି ଶ୍ରମିକ ନେତାମାନେ ପ୍ରକାଶ କରିଛନ୍ତି। ଗତ ଜାନୁୟାରୀ ମାସରୁ ପାରାଦୀପ ରିଫାଇନେରୀରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଚୁକ୍ତିନାମା ଶେଷ ହୋଇଥିବା ବେଳେ ଫେବୃଆରୀ ମାସରେ ପୂର୍ବ ଉପକୂଳ ଶ୍ରମିକ ସଂଘ ତରଫରୁ ରିଫାଇନେରୀ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଶ୍ରମିକମାନଙ୍କ ପ୍ରମୁଖ ମୌଳିକ ଦାବିକୁ ନେଇ ଚୁକ୍ତିନାମା କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଏଥିରେ ବିଳମ୍ବ କରିଥିଲେ। ଯାହାକୁ ନେଇ ଶ୍ରମିକ ସଂଘ ତରଫରୁ ଚୁକ୍ତିନାମା ବିଳମ୍ବ କାରଣରୁ ଗତ ୨୩ ତାରିଖରେ ଅଭିନ ପ୍ରତିବାଦ କରାଯାଇଥିଲା। ଦୁଇମାସ ମଧ୍ୟରେ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପୂର୍ବ ଉପକୂଳ ଶ୍ରମିକ ସଂଘର ଦାବିକୁ ଦୁଇଦିନ ମଧ୍ୟରେ ରିଫାଇନେରୀ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେବା ସହିତ ଶ୍ରମିକ ନେତାମାନଙ୍କ ସହିତ ଆଲୋଚନା କରି ଆଗାମୀ ତିନିମାସ ମଧ୍ୟରେ ପୁନର୍ବାର ଚୁକ୍ତିନାମା କରିବାକୁ ପ୍ରତିଶୃତି ପ୍ରଦାନ କରିଛନ୍ତି। ଯାହାକୁ ନେଇ ପୂର୍ବ ଉପକୂଳ ଶ୍ରମିକ ସଂଘର ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ

କୋଲନରା/ରାୟଗଡ଼ା, (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଚମ୍ପିଆ ଗ୍ରାମ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହିଥିବା ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛାଙ୍କୁ ଗ୍ରାମବାସୀ ତଥା କଳାକାରମାନେ ସ୍ୱାଗତ ଜଣେଇ ପାଛୋଟି ନେଇଥିଲେ। ଏହା ପରେ କଳାକାର ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କଳାକାରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥଲା ଏବଂ ସରକାରଙ୍କ ତରଫରୁ କଳାକାରମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ବିଷୟରେ ମୁଖ୍ୟ ଅତିଥି ବୁଝାଇ ଥିଲେ। ଆଗାମୀ ଦିନରେ କଳାକାରମାନେ ସମସ୍ତେ ସଂଘଠିତ ହୋଇ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ସ୍ଥାନୀୟ ଲୋକକଳାକୁ ବଜେଇ ରଖି ଜିଲ୍ଲାସ୍ତରୀୟ ଓ ବ୍ଲକ୍ସ୍ତରୀୟ ଲୋକକଳା ମହୋତ୍ସବ ପାଳନ କରିବା ନେଇ ନିଷ୍ପତ୍ତି କରାଯାଉଥିଲା ଏବଂ ଏ ନେଇ ବ୍ଲକ୍ କମିଟି ଆଗାମୀ ଦିନରେ କରାଯିବ ବୋଲି ଜିଲ୍ଲା ସଭାପତି କହିଥିଲେ। ଏହି କଳାକାର ସମ୍ମିଳନୀରେ ସ୍ଥାନୀୟ ସରପଞ୍ଚ କୁନି ମାଣ୍ଡାଙ୍ଗି, ସମିତି ସଭ୍ୟ ସୁଜାତା ତୁଳ ସ୍ଥାନୀୟ ବରିଷ୍ଠ କଳାକାର ତଥା ପୌରାଣିକ ନାଟ ଗୁରୁ ରାଜାରାଓ ମୁଟୁକା, ଜଣାଶୁଣା ହାସ୍ୟ ଅଭିନେତା ନାଗେଶ୍ୱର ହାରାକା, ସମାଜସେବୀ କାଳୀ ଚରଣ ପଣ୍ଡା, ରାମଚନ୍ଦ୍ର ତାଡିଙ୍ଗି, ବିକାଶ ଏବଂ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ କଳାକାର ଉପସ୍ଥିତ ରହି ପୌରାଣିକ ନାଟ୍ୟ, ସଙ୍କୀର୍ତ୍ତନ ଓ ଆଞ୍ଚଳିକ ବାଜା ପରିବେଷଣ କରିଥିଲେ। ତୁହା କୁ ତୁହା ବର୍ଷା ସତ୍ତ୍ୱେ ଶତାଧିକ ସ୍ଥାନୀୟ କଳାକାର ସାମିଲ୍ ହୋଇଥିଲେ।

# ଦୋଷୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଛାତ୍ର ବିଜେଡି ତରଫରୁ ବିକ୍ଷୋଭ

ପାରାଦୀପ, (ଡିକେ ନ୍ୟୁଜ୍): ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଦୋଷୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଛାତ୍ର ବିଜେଡି ତରଫରୁ ବିକ୍ଷୋଭ, ନାରାବାଜି ପ୍ରଦର୍ଶନ କରାଯାଇଛି। ପାରାଦୀପ ନଗର ବିଜେଡି କାର୍ଯ୍ୟକାରୀ ସଭାପତି କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଛାତ୍ର ବିଜେଡି ତରଫରୁ ପାରାଦୀପ କଲେଜ ସମ୍ମୁଖରେ ବିଜେପି ସରକାର ବିରୁଦ୍ଧରେ ନାରାବାଜି କରିବା ସହିତ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଦୋଷୀଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହେଉଥିବା ବେଳେ ଏହି ଘଟଣାରେ ବିଜେପି ସରକାର ସ୍ଥାଣୁ ପାଲଟିଥିବା ଅଭିଯୋଗ ଆଣିଛନ୍ତି। ବିଗତ ସରକାର ସମୟରେ ଗଣଦୁଷ୍କର୍ମକାରୀଙ୍କୁ ସରକାର ଘଣ୍ଟ ଘୋଡାଉଥିବା ଅଭିଯୋଗ ଆଣୁଥିବା ଆଜି ସରକାରରେ ଅଛି। ବର୍ତ୍ତମାନ ସମୟରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିବା ଅଭିଯୋଗ ଆଣିବା ସହିତ ଯଥାଶୀଘ୍ର ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ଛାତ୍ର ବିଜେଡି। ଯଦି ଏଥିରେ ବିଳମ୍ବ ହୁଏ ତେବେ ଛାତ୍ର ବିଜେଡି ତରଫରୁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି।

## ଗୋପାଳପୁର ଗଣଦୁଷ୍କର୍ମ ମାମଲା

# ଅଭିଯୁକ୍ତଙ୍କୁ କ୍ରାଇମ୍ ସ୍ପଷ୍ଟ ନେବ କ୍ରାଇମବ୍ରାଞ୍ଚ



ଗୋପାଳପୁର, (ଡିକେ ନ୍ୟୁଜ୍): ଗୋପାଳପୁର ସମୁଦ୍ର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା। ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ। ମଙ୍ଗଳବାର ଅପରାହ୍ଣରୁ ଦିନିକିଆ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ବୁଧବାର ସକାଳୁ ୬ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ୬ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିପାରେ ମଙ୍ଗଳବାର ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ରିମାଣ୍ଡରେ ଆଣିଥିବା ବେଳେ କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନି ୬ ଅଭିଯୁକ୍ତଙ୍କୁ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଧରି ଗୋପାଳପୁର ଥାନାରେ ପଚରାଉଚରା କରିଥିଲା। ରାତି ପ୍ରାୟ ୧୧ଟା ସମୟରେ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା ଶେଷ କରିବା ପରେ ଗଣଦୁଷ୍କର୍ମ ସ୍ଥାନକୁ ଯାଇ ସେଠାରେ ରାତ୍ର ସମୟରେ କିଭଳି ଦୃଶ୍ୟ ରହୁଛି ସେ ନେଇ ଅନୁଧ୍ୟାନ କରିଥିଲା ଟିମ୍। ମଙ୍ଗଳବାର ଦିନିକିଆ ରିମାଣ୍ଡରେ ୬ ଜଣଙ୍କୁ କ୍ରାଇମବ୍ରାଞ୍ଚ ନେଇ ଜେରା କରିଥିଲା। ବେଲଗାଁ ଥାନା ଅନ୍ତର୍ଗତ ପାଟପୁର ଗାଁର କୁନାଲ ପ୍ରଧାନ, ହିଞ୍ଜିଳି ଥାନା ଅନ୍ତର୍ଗତ ବାରୁପଦ ଗାଁର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ସିକିରି ଗାଁର ଓମ୍ ପ୍ରଧାନ, ଦୀପକ ତରାଇ ଓ ପୁରୁଷୋତ୍ତମପୁରର ପ୍ରମୋଦ ନାୟକଙ୍କୁ ରିମାଣ୍ଡରେ ନେଇଛି କ୍ରାଇମବ୍ରାଞ୍ଚ।

# ରଥଯାତ୍ରା ସମନ୍ୱୟ ସମିତିର ସମୀକ୍ଷା ବୈଠକ

ସମ୍ବଲପୁର, (ହି.ସ): ଧନୁପାଲି ରଥଯାତ୍ରା ଉତ୍ସବ କମିଟି – ୨୦୨୫ର କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ ଙ୍କ ଆବାହକତ୍ୱରେ ଗୋବିନ୍ଦତୋଲା ଦୁର୍ଗାପୂଜା ସଭା ଗୃହରେ ଧନୁପାଲି ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ "ଧନୁପାଲି – ଗୋବିନ୍ଦତୋଲା ରଥଯାତ୍ରା ସମନ୍ୱୟ ସମିତି"ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧନୁପାଲି ରଥଯାତ୍ରା ଉତ୍ସବ କମିଟି – ୨୦୨୫ ର ଉପସଭାପତି ସୌରଭ ରଞ୍ଜନ ମହାପାତ୍ର ସଭା ପରିଚାଳନା କରିଥିଲେ। ଏହି ବୈଠକରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମ୍ପର୍କ ରେ ସମସ୍ତ ଦିଗ ଉପରେ ତଥା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ତଥା ସୁପରିଚାଳନା ପାଇଁ ସମନ୍ୱୟ ସମିତି ତରଫରୁ ପୋଲିସ ସହଯୋଗ ପାଇଁ ପ୍ରସ୍ତାବ ରଖା ଯାଇଥିଲା। ଏହି ବୈଠକରେ ସଦର ଏସଡ଼ିପିଓ ତୋଫାନ ବାଘ ଓ ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଉପସ୍ଥିତ ଥିଲେ। ଏହି ଅବସରରେ ସମନ୍ୱେ ସମିତି ର ଅଜୟ କୁମାର ସାହୁ, ପ୍ରଦୀପ ପାଢ଼ୀ, ରାଜ କିଶୋର ପୁରୋହିତ, ରଞ୍ଜିତ ରଥ, ବିଦେଶୀ ସନ ବଡ, ବିଷ୍ଣୁ ଗୁରୁ, ଦୀପକ ପଣ୍ଡା, ସଞ୍ଜୟ ତ୍ରିପାଠୀ, ଡ଼. ରାଜାରାମ ଷଡ଼ଙ୍ଗୀ, ଜୟନାରାୟଣ ଶତପଥୀ ଓ ଦିଲୀପ ଠାକୁର ପ୍ରମୁଖ ଉପସ୍ଥିତ ରହି ରଥଯାତ୍ରା ପରିଚାଳନା ନେଇ ଆଲୋଚନା କରିଥିଲେ।

## ମୌଳିକ ସୁବିଧା ସାତ ସପନ

# ଦୁର୍ଗମ ଇଲାକାରେ ଦୁର୍ଦ୍ଦିନରେ ଜନବସତି, ପାନୀୟ ଜଳ ପାଇଁ ଅହରହ ସଂଘର୍ଷ



ରାୟଗଡ଼ା, (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅନେକ ଗାଁ ଆଜି ମଧ୍ୟ ଆଢୁଆଳରେ ରହିଛି। ଯାହାକି ନିଜର ଭୌଗଳିକ ସ୍ଥିତିକୁ ଅଧିକାରୀ ନେଇ ଉକ୍ତ ଜନବସତି ଗୁଡ଼ିକ ଅଲୋଡ଼ା ହୋଇ ରହିଯାଇଛି। ଏଭଳି ଗାଁ ହେଲା ରାୟଗଡ଼ା ଜିଲ୍ଲା ରାୟଗଡ ବ୍ଲକର କୁଟୁଳି ପଞ୍ଚାୟତ ଅନ୍ତର୍ଗତ ଦେଓଝୁଲା, ଝୁମୁକା ପ୍ରମୁଖ। ଦେଓଝୁଲା ଗାଁକୁ ପକ୍କା ରାସ୍ତାଟିଏ ନଥିବା ବେଳେ ପକ୍କା ରାସ୍ତା ଠାରୁ ପ୍ରାୟ ୨୫ କିମି ଚାଲି ଚାଲି ଯିବାକୁ ପଡ଼େ। ଯାହାକି ପାଗ ଠିକ ଥିଲେ କଷ୍ଟରେ ଦୁଇଚକିଆ ଯାନ ଗାଁ ମୁଣ୍ଡକୁ ଯାଉଥିବା ବେଳେ ବର୍ଷା ଦିନର କଥା ନକହିବା ଭଲ। ପାହାଡ ଶିଖରରେ ଥିବା ଏହି ଗାଁରେ ପ୍ରାୟ ୫୦ ଘର ପରିବାର ବାସ କରୁଛନ୍ତି। କିନ୍ତୁ ତାଙ୍କର ଜୀବନଯାପନ ଶୈଳୀକୁ ଦେଖିଲେ ଜଣାପଡୁଛି ଯେ ମୌଳିକ ସୁବିଧା ବୋଧ ହୁଏ ସେହି ଗ୍ରାମବାସୀ ପାଇଁ ଅପହଞ୍ଚ। ଗାଁରେ ପ୍ରାଥମିକ ବିଦ୍ୟାଳୟଟିଏ ରହିଛି କିନ୍ତୁ ବର୍ଷର ଅର୍ଦ୍ଧାଧିକ ଦିନ ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ବନ୍ଦ ରହୁଥିବା ବେଳେ ଶିକ୍ଷାର ପରିଣତି କ'ଣ ସହଜରେ ଅନୁମେୟ କରି ହେବ। ସେହିଭଳି ଗାଁରେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ ଗାଁ ଆରମ୍ଭରେ ଗୋଟିଏ ଭଙ୍ଗା ନଳକୂପଟିଏ ରହିଛି ଯାହାକି ଟୋପାଏ ପାଣି ମଧ୍ୟ ବାହାରୁ ନାହିଁ। ଯାହାଫଳରେ ଉକ୍ତ ଗ୍ରାମର ଗ୍ରାମବାସୀ ଝରଣା ପାଣି ଉପରେ ଭରଷା। ଗାଁ ଠାରୁ ୧କିମି ଦୂରରେ ଥିବା ଏକ ଝରଣାର ପାଣିକୁ ସଂଗ୍ରହ କରି ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରନ୍ତି ଗ୍ରାମବାସୀ। ସେହି ଗାଁର ଚିକିତ୍ସା ସୁବିଧା ମଧ୍ୟ ପାଇ ପାରୁନଥିବା ବେଳେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ୧୫ କିମି ବୋହି ଡାକ୍ତରଖାନା ଯିବାକୁ ପଡୁଥିବା ଉକ୍ତ ଗ୍ରାମର ଜଣେ ବୃଦ୍ଧା ମହିଳା ଗେନ ମିଣିଆକା କହିଛନ୍ତି। ହେଲେ ଏଭଳି ପରିସ୍ଥିତିରେ ନିଜକୁ ପରିବେଶ ସହିତ ଖାପଖୁଆଇ ଜୀବିତ ରଖିଥିବା ବେଳେ ପ୍ରଶାସନ ଆଢୁଆଳରେ ରହିଯାଇଛି ଏହି ଗାଁ। ଯାହାକି ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ଠାରୁ ବହୁ ଦୂରରେ ଦେଓଝୁଲା ଗ୍ରାମବାସୀ। ସେହି ଗାଁର ବୃନ୍ଦାବନ ମିଣିଆକା ଓ କିଆ ମିଣିଆକା କହିଛନ୍ତି ଯେ ଗାଁକୁ କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଆସୁନାହାନ୍ତି। ସେହି ଭଳି ଉକ୍ତ ପଞ୍ଚାୟତର ଝୁମୁକା ଗାଁରେ ମଧ୍ୟ ପାନୀୟ ଜଳର ସମସ୍ୟା ଦେଖା ଦେଇଥିବା ବେଳେ ଏହି ଗାଁର ମହିଳାମାନେ ବିଲ ଜମିରୁ ପାନୀୟ ଜଳ ସଂଗ୍ରହ କରୁଥିବା ବେଳେ ଉକ୍ତ ପାଣିକୁ ଦୈନଦିନ କାର୍ଯ୍ୟରେ ବ୍ୟବହାର କରୁଥିବା ଉକ୍ତ ଗାଁର ୱାର୍ଡ ମେମ୍ବର ଇବା ମିଣୀଆକା କହିଛନ୍ତି। କିଛି ଦିନ ତଳେ ରାୟଗଡ଼ାର ତତ୍କାଳୀନ ଗୋଷ୍ଠି ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଦେଓଝୁଲା ଗାଁରେ ପାଦ ପକାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ମୌଳିକ ସୁବିଧା ମିଳି ପାରିନଥିବା କହିଛନ୍ତି। ଏନେଇ ଆମେ ରାୟଗଡ଼ା ଜିଲ୍ଲା ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ନାୟକଙ୍କୁ ଫୋନ୍ ଯୋଗେ ପଚାରିବାରୁ ସେ ଏ ନେଇ କୌଣସି ଅଭିଯୋଗ ନଥିବା କହିଥିବା ବେଳେ ଏଭଳି କିଛି ସମସ୍ୟା ରହିଥିଲେ ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। ଏ ନେଇ ପ୍ରଶ୍ନ ଉଠୁଛି ଯେ ବିଭାଗୀୟ ଯନ୍ତ୍ରୀ କରୁଛନ୍ତି କ'ଣ, ନିଜର ଅପାରଗତାକୁ ନେଇ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି କି। ଏଭଳି ଅନେକ ପ୍ରଶ୍ନ ସାଧାରଣରେ ଉଠୁଥିବା ବେଳେ ଯଦି ଏହାର ଶୀଘ୍ର ସମାଧାନ କରା ନଯାଏ ତାହେଲେ ରାୟଗଡ଼ା ଜିଲ୍ଲାରେ ଏହି ଦୂଷିତ ପାଣି ଦ୍ୱାରା ଆଗାମୀ ଦିନରେ କୌଣସି ମହାମାରୀରେ ଗ୍ରାମବାସୀ ସଂକ୍ରମଣର ଶିକାର ହେବେ ନାହିଁ ତାହା କିଏ କହିବ। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଆଗରେ ରଖି ଜିଲ୍ଲା ପ୍ରଶାସନ ଏହାର ଶୀଘ୍ର ସମାଧାନ କରିବାକୁ ଦେଓଝୁଲା ଓ ଝୁମୁକା ଗ୍ରାମବାସୀ ନିବେଦନ କରିଛନ୍ତି।



# ରଥଯାତ୍ରା ଲାଗି ଜାରି ହେଲା ଟ୍ରାଫିକ କଟକଣା, ସ୍ୱତନ୍ତ୍ର ରୁଟ ଚାର୍ଟ

ପୁରୀ, (ଡିକେ ନ୍ୟୁଜ୍): ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଜନସମାଗମକୁ ଦୃଷ୍ଟିରେ ରଖି ସୁଗମ ଯାନବାହାନ ଚଳାଚଳ ଏବଂ ପାର୍କିଂ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି ହେବା ସହ ସ୍ୱତନ୍ତ୍ର ରୁଟ ଚାର୍ଟ ଜାରି କରାଯାଇଛି। ବ୍ରହ୍ମଗିରି, ଭୁବନେଶ୍ୱର ଏବଂ କୋଣାର୍କ ଆଦି ବିଭିନ୍ନ ଦିଗରୁ ଆସୁଥିବା ଯାନବାହାନ ପାଇଁ ପୃଥକ ରୁଟ୍ ଏବଂ ପାର୍କିଂ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରୁ ଆସୁଥିବା ସମସ୍ତ ପର୍ଯ୍ୟଟନ ବସ୍ ଗୁଡ଼ିକ ମାଳତୀପାଟପୁରରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ପର୍ଯ୍ୟଟକମାନଙ୍କୁ ନେଇବ୍ରହ୍ମଗିରି ପାର୍ଶ୍ୱରୁଆସୁଥିବା ବସକୁ ଫ୍ଲୋରିସ୍ ଇଣ୍ଡିଆରେ ପାର୍କିଂ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ଆସୁଥିବା ରାସ୍ତା ଦେଇ ସେମାନେ ଫେରିପାରିବେ। ସେହିପରି କୋଣାର୍କ ପାର୍ଶ୍ୱରୁ ଆସୁଥିବ ସମସ୍ତ ବସକୁ ସ୍ୱାମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପାର୍କିଂ ଅନୁମତି ଦିଆଯିବ। ଆସିଥିବା ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ। ତାଳବଣିଆରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକ ୱାଟର ୱାର୍କ ରୋଡ, ଓଡ଼ିଶା ବେକେରୀ ଏବଂ ରାମ ମନ୍ଦିର ଦେଇ ଘୋଡା ବଜାରକୁ ଯାଇପାରିବେ। ସେଠାରୁ ଯାତ୍ରୀମାନଙ୍କୁ ଛାଡ଼ିବା ପରେ ରାମ ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଏବଂ ମଙ୍ଗଳା ମନ୍ଦିର ଦେଇ ତାଳବଣିଆକୁ ଫେରିବେ। ସେହିପରି ମାଳତୀପାଟପୁର ପାର୍ଶ୍ୱରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକୁ ବାଟଗାଁ ଛକ ଦେଇ ଅଠରନଳା ପର୍ଯ୍ୟନ୍ତ ଯାଇ ସେଠାରେ ଯାତ୍ରୀମାନଙ୍କୁ ଛାଡ଼ିବା ପରେ ସମାନ ରୁଟ୍ ଦେଇ ଫେରିବେ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ତିନି ଚକିଆ ଯାନଗୁଡ଼ିକୁ ମଙ୍ଗଳାଘାଟ ଦେଇ ଷ୍ଟର୍ଲିଂ ପର୍ଯ୍ୟନ୍ତ ଆସି ସେହି ସମାନ ରୁଟ୍ ଦେଇ ଫେରି ପାରିବେ। ଭୁବନେଶ୍ୱର ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ମାଳତୀପାଟପୁର ବ୍ରିଜ୍, ବୈଦାସନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଛକ ଦେଇ ତାଳବଣିଆ ପାର୍ଶ୍ୱରେ ନିର୍ଦ୍ଦିଷ୍ଟ ପାର୍କିଂ ପଏଣ୍ଟକୁ ଆସିପାରିବେ। ତାଳବଣିଆ ପାର୍ଶ୍ୱରେ ସେମାନେ ଯଥାକ୍ରମେ ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି ପ୍ରତିଷ୍ଠାନରେପାର୍କିଂ କରିବେ। ସେଠାରୁ, ସେମାନେ ପିକେ ଆରଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେସନ୍, ଭୂଦାନ ଛକ, ବାଲିଘାଟ ଭୂଦାନ ଛକ, ସମଙ୍ଗରା ଓ ବାଟଗାଁ ଭୂଦାନ ଛକ ଦେଇ ଭୁବନେଶ୍ୱର ଫେରିବାକୁ ପରାମର୍ଶ ଦିଆଯାଇଛି। କୋଣାର୍କରୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡ଼ିକ ବୈଦାସ ନଗର ଛକ, ଗ୍ରୀଡ୍ ଷ୍ଟେସନ୍ ଏବଂ ତାଳବଣିଆ ଦେଇ ନିର୍ଦ୍ଦିଷ୍ଟ ପାର୍କିଂ ଅଞ୍ଚଳକୁ ଆସିବେ। ତାଳବଣିଆ, ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିୟମ୍, ଉଦ୍ୟାନ କୃଷି କ୍ଷେତ୍ର ଏବଂ ତାଜା ମାଛ ବଜାରରେ କ୍ରମାନୁସାରେ ସେମାନଙ୍କର ଯାନଗୁଡ଼ିକ ପାର୍କିଂ କରିବେ। ସେଠାରୁ ସମାନ ରାସ୍ତା ଦେଇ ଫେରିବାକୁ ପରାମର୍ଶ ଦିଆଯାଉଛି। ବ୍ରହ୍ମଗିରି ଆଡୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନ ଗୁଡ଼ିକ ମଙ୍ଗଳାଘାଟ ଛକରୁ ଷ୍ଟର୍ଲିଂ ଛକକୁ ଯିବେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ଯାନ ପାର୍କିଂ ଅଞ୍ଚଳ (ଷ୍ଟର୍ଲିଂ ପାର୍କିଂ)ରେ ପାର୍କିଂ କରିବେ ଓ ସେହି ସମାନ ରାସ୍ତା ଦେଇ ସେମାନେ ପ୍ରତ୍ୟାବର୍ତ୍ତନ କରିପାରିବେ। ସେହିପରି ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ବ୍ରହ୍ମଗିରି ପାର୍ଶ୍ୱରୁ ଦୁଇ ଚକିଆ ଯାନଗୁଡ଼ିକୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମଙ୍ଗଳାଘାଟ ଦେଇ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂରେ ପହଞ୍ଚିପାରିବେ। ତେବେ ଯେଉଁମାନେ ପ୍ରଥମେ ଆସିବେ ସେମାନଙ୍କୁ ପ୍ରାଥମିକତା ଦିଆଯାଇ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ସେମାନେ ମଙ୍ଗଳାଘାଟ ଦେଇ ଫେରିବେ। ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନ ଗୁଡ଼ିକ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ମାଟିତୋଟା ହେଲିପ୍ୟାଡ୍ ଗ୍ରାଉଣ୍ଡ ଏବଂ ମାଟିତୋଟା ପ୍ଲେ ଗ୍ରାଉଣ୍ଡ ପାର୍କିଂ ମାଳତୀପାଟପୁର, ବାଟଗାଁ ଏବଂ ମଙ୍ଗଳାଘାଟ ଦେଇ ଯାଇପାରିବେ। ଯେଉଁମାନେ ଭୁବନେଶ୍ୱରରୁ ପ୍ରଥମେ ଆସିଥିବା ସେମାନଙ୍କୁ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ତେବେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନଗୁଡ଼ିକ ଜଟିଆବାବାଜୀ ଛକ, କୁମ୍ଭାରପଡ଼ା ଥାନା ଅଠରନଳା ଏବଂ ବାଟଗାଁ ଦେଇ ଫେରିପାରିବେ। କୋଣାର୍କ ପାର୍ଶ୍ୱରୁ ଆସିବାକୁ ଥିବା ଦୁଇ ଚକିଆ ଯାନଗୁଡ଼ିକୁ ବୈଦାସ ନଗର, ଗ୍ରୀଡ୍ ଷ୍ଟେସନ୍, ହେଲିପ୍ୟାଡ୍, ପେଣ୍ଠକଟା ଛକ, ସିଟି ରୋଡ୍ ଏବଂ ସୁବାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ଏବଂ ହୋଟେଲ ନୀଳାଚଳ ଅଶୋକ ନିକଟରେ ପାର୍କିଂ ପାଇଁ ଅନୁମତି ଦିଆଯିବ। ସେହି ଦୁଇ ଚକିଆ ଯାନଗୁଡ଼ିକ ସମାନ ରାସ୍ତା ଦେଇ ଫେରିବ। କିନ୍ତୁ ବୈଦାସନଗର ଛକରୁ କୌଣସି ଯାନକୁ ଆରଓବି ରୋଡ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ନାମରେ ସ୍ପଷ୍ଟ କରାଯାଇଛି।

# ଏଲପିଜି ଗ୍ରାହକ ଜନସଚେତନତା କାର୍ଯ୍ୟକ୍ରମ




ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ପକ୍ଷରୁ ଘରୋଇ ଗ୍ୟାସ ସିଲିଣ୍ଡରର ସଠିକ ବ୍ୟବହାରକୁ ନେଇ ଏକ ଜନସଚେତନତା ଅଭିଯାନ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଛି। ଏହି ଜନଜାଗରଣ କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଗାଣ ଅଧିକାରୀ ସୁଗଡ଼ା ମୁର୍ମୁ ଶୁଭାରମ୍ଭ କରିଥିଲେ। ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନର ଏହିକାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ଶ୍ରୀ ମୁର୍ମୁ, ହୋଟେଲ, ଫାଷ୍ଟ ଫୁଡ଼, ଚା ଦୋକାନୀ ଆଦି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ଗ୍ୟାସ ବ୍ୟବହାର କରିବାକୁ ପରାମର୍ଶ ଦେବାସହ, ୧୪.୨ କିଲୋଗ୍ରାମ ଘରୋଇ ରୋଷେଇ ଏଲପିଜି ଗ୍ୟାସ ସିଲିଣ୍ଡର ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ବ୍ୟବହାର ନକରିବାକୁ କହିଥିଲେ। ଯାହା ଆଇନତଃ ଦଣ୍ଡନୀୟ ଅଟେ। ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସ, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିମା କୁମାରି ପ୍ରଧାନ ଘରୋଇ ରୋଷେଇ ଗ୍ୟାସ ୧୪.୨ କିଗ୍ରା ସିଲିଣ୍ଡର ବ୍ୟବସାୟ କ୍ଷେତ୍ରରେ ବ୍ୟବହାର, ଏକ ଦଣ୍ଡନୀୟ ଅଟେ। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବାସହ ଅନେକ ଧନଜୀବନ ନଷ୍ଟ ହେଉଛି। ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ତରଫରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ସାଙ୍ଗରେ ଦେଶର ୧୫ ରାଜ୍ୟର ୨୭୫ଟି ଜିଲ୍ଲାରେ ୨୭୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ମେ ମାସ ୧୦ତାରିଖରୁ ପ୍ରାରମ୍ଭିକ ଭାବରେ ଆରମ୍ଭ ହୋଇଛି ବୋଲି ଉକ୍ତ ସଂସ୍ଥାର ରାଷ୍ଟ୍ରୀୟ ସଭାପତି ନିତିନ ସୋଲଙ୍କେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ହୋଟେଲ ଏବଂ ଛୋଟ ଜଳଖିଆ ଦୋକାନ ଆଦିରେ ଏଲପିଜି ଗ୍ୟାସ ବ୍ୟବହାରୀଙ୍କୁ ଭେଟି ସୂଚନା ପତ୍ର ବାଣ୍ଟିବା ସହ ସଚେତନ କରାଯାଉଛି ବୋଲି ଉକ୍ତ ସଂସ୍ଥାର ଜନ ସମ୍ପର୍କ ଅଧିକାରୀ, ଓଡିଶା, ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭରେ ଯୋଗାଣ ବିଭାଗର ଅନ୍ୟ ଅଧିକାରୀମାନେ ସର୍ବଶ୍ରୀ ବିଷ୍ଣୁ ଚରଣ ବିଶୋଇ, ନିବେଦିତା ଖଣ୍ଡେଇ, ମମତା ନାୟକ, ରୋଜାଲିନ ଶତପଥ, ଆଇଶା ଖତୁନ, ଦିପ୍ତିମୟୀ ମହାପାତ୍ର, ରାଜଶ୍ରୀ ସ୍ୱାଇଁ, ଆଦି ପ୍ଲା କାର୍ଡ ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ସୁରେଶ କୁମାର ପରିଡା ଆମନ୍ତ୍ରିତ ସମାଜ ସେବୀ, ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ ଅମଲା ସଂଘର ଦାବିପତ୍ର ପ୍ରଦାନ



ରାୟଗଡ/ଗୁଣପୁର, (ଡିକେ ନ୍ୟୁଜ୍): ରାୟଗଡା ଜିଲ୍ଲା ଅମଲା ସଂଘ ତରଫରୁ ୯ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ରାୟଗଡାଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ ସଭାପତି ମନୋଜ ରଥ, ସମ୍ପାଦକ ଅଜୟ ନାହାକ, ସହ ସମ୍ପାଦକ ବବିତା ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ସୀମାଞ୍ଚଳ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ପରୂଲ ପଟୱାରୀଙ୍କୁ ସାକ୍ଷାତ କରି ଅମଲାମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଅମଲାମାନଙ୍କ ଚାକିରୀ ପ୍ରବେଶ ମୂଳ ଦରମା ଲେବୁଲ ୯ ଅନୁଯାୟୀ ପ୍ରଦାନ, ଅମଲାମାନଙ୍କ କ୍ରେଡ଼ ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କ ପାଇଁ ୨୦ଲକ୍ଷ ଟଙ୍କାର ବୀମା, ୨୦୨୦ ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, କୌଣସି ଅଙ୍କୁଶ ନଥାଇ ଶହେ ପ୍ରତିଶତ ପଦୋନ୍ନତି, ପୁରୁଣା ପେନସନ ଲାଗୁ କରିବା, ପ୍ରତି ଚାରି ବର୍ଷରେ ଅମଲାମାନଙ୍କୁ ପଦୋନ୍ନତି ପ୍ରଦାନ, ଅମଲାମାନଙ୍କ ପାଇଁ ୟୁଜର ଆଇଡି ପ୍ରଦାନ କରିବା ଓ ନୂଆ ପୋଷ୍ଟିଂ ହୋଇଥିବା ଅମଲାମାନଙ୍କୁ ପ୍ରଶିକ୍ଷଣ ଦେବା ଆଦି ଦାବି ସରକାର ଯଥାଶୀଘ୍ର ପୂରଣ କରିବା ନେଇ ଅମଲାମାନେ ଦାବି କରିଛନ୍ତି। ଯଦି ସରକାର ଏ ଦିଗରେ ତୁରନ୍ତ କୌଣସି ପଦକ୍ଷେପଗ୍ରହଣ ନକରନ୍ତି ତେବେ ଆସନ୍ତା ଜୁଲାଇ ୭ ତାରିଖରୁ ୧୧ ତାରିଖ ଯାଏଁ କଳାବ୍ୟାଜ ପରିଧାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ଓ ୧୪ଜୁଲାଇ-୨୦୨୫ରୁ ରାଜ୍ୟର ସମସ୍ତ ଅମଲା କାର୍ଯ୍ୟବନ୍ଦ କରିବା ସହ ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବେ। ଆବଶ୍ୟକ ସ୍ଥଳେ ଶୋଭାଯାତ୍ରା କରି ନିଜର ଦାବି ପୂରଣ ନିମନ୍ତେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ସଭାପତି ଶ୍ରୀ ରଥ ସୂଚନା ଦେଇଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ସୂର୍ଯ୍ୟ ନାରାୟଣ ନାୟକ, ଟି.ଗୌରୀ ଶଙ୍କର, ରବି ପାଟଯୋଶୀ, ମୋହନ କାଉର, ମାୟା ଶବର, ହରେକୃଷ୍ଣ ମିଶାଲ, ମନୋଜ ପାତ୍ର, ସୁବାସ ସାହୁ, ଏଆର ରେହେମାନଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅମଲା ଯୋଗ ଦେଇଥିଲେ।

# ସମ୍ବାଦ ପରିବେଷଣ ପରେ ପାନୀୟ ଜଳର ସମାଧାନ



ଉମରକୋଟ, (ଡିକେ ନ୍ୟୁଜ୍): ଗ୍ରାମବାସୀଙ୍କ ବହୁ ଦିନର ସମସ୍ୟା ଦୂର କରିଛନ୍ତି କିଛି ସାମ୍ବାଦିକ, ଖବର ପ୍ରସାରଣ କରିବା ପରେ କନିଷ୍ଠ ଯନ୍ତ୍ରୀ ତତ୍ପରତା ଦେଖାଇ ଗ୍ରାମର ସମସ୍ୟା ଦୂର କରିଥିଲେ। ଏହା ଦେଖି ଗ୍ରାମବାସୀ ଏକତ୍ରିତ ହୋଇ କନିଷ୍ଠ ଯନ୍ତ୍ରୀ ଓ ସାମ୍ବାଦିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବୁର୍ଜା ଗ୍ରାମରେ। ସୂଚନା ଅନୁଯାଇରେ ଦୀର୍ଘ ଦିନ ଧରି ଏହି ଗ୍ରାମର ଟାୱାର ସାହି, ଚନ୍ଦ୍ର ସାହି, ଗାଉଁଟିଆ ସାହିରେ ପାଣିର ସମସ୍ୟା ରହିଥିଲା। ଏହି ସାହି ବାସିନ୍ଦା ଗ୍ରାମରେ ଥିବା ଚର୍ଚ୍ଚ ପରିସରରେ ଏକ ନଳକୂଅ ଉପରେ ଭରସା କରୁଥିଲେ। ଏହା ଦେଖି ଦିନେ ଉମରକୋଟର କିଛି ସାମ୍ବାଦିକ ଜୀତେନ୍ଦ୍ର କୁମାର ଦାଶ, ଶଙ୍କର ପ୍ରସାଦ ତୁରୁକ, ମନୋଜ ନାୟକ, ବନସିଂ ଗଣ୍ଡ, ଅନୁପ ବାରିକ, ଅଭିଷେକ ବେହେରା ଗ୍ରାମକୁ ଯାଇ ପାଣି ସମସ୍ୟାକୁ ନେଇ ଖବର ପ୍ରସାରଣ କରିଥିଲେ। ଖବର ପ୍ରସାରଣ ପରେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ପଞ୍ଚାୟତିରାଜ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ବେହେରାଙ୍କୁ ଅବଗତ କରିବାରୁ କନିଷ୍ଠ ଯନ୍ତ୍ରୀ ତୁରନ୍ତ ବୁର୍ଜା ଗ୍ରାମକୁ ଯାଇ ଦୁଇଟି ନଳକୂଅ ଖୋଳି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଏବଂ କିଛି ଦିନ ପରେ ଗ୍ରାମରେ ଦୁଇଟି ନଳକୂଅ ଖୋଲାଯାଇଥିଲା। ଏହା ଦେଖି ଗ୍ରାମବାସୀଙ୍କ ମୁହଁରେ ହସର ଲହରୀ ଖେଳିଯାଇଥିଲା। ଗ୍ରାମର ବହୁ ଦିନର ସମସ୍ୟା ଦୂର ହେବାରୁ ଆଜି ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ଓ ଖବର ପ୍ରସାରଣ କରିଥିବା ସାମ୍ବାଦିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଇତିହାସ ରଚିଲେ...

ମିଶନର ନେତୃତ୍ୱ ଆମେରିକାର ଅଭିଜ୍ଞ ମହାକାଶଚାରୀ ପେଗି ହ୍ୱିଟସନ ନେଉଛନ୍ତି। ଭାରତର ଶୁଭାଂଶୁ ଶୁକ୍ଲା ପାଇଲଟ୍ ଦାୟିତ୍ୱରେ ରହିଛନ୍ତି। ପୋଲାଣ୍ଡର ୟୁରୋପୀୟ ସ୍ପେସ ଏଜେନ୍ସିର ପ୍ରୋଜେକ୍ଟ ମହାକାଶଚାରୀ ସ୍ଲାଭୋଜ୍ ଉ୍ୱିସନିସ୍କି ଓ ହଙ୍ଗେରୀର ଟିବୋର୍ କାପୁ ମିଶନ ବିଶେଷଜ୍ଞ ଭାବେ ଏଥିରେ ରହିଛନ୍ତି। ଏହି ଘରୋଇ ମିଶନରେ ଭାରତୀୟଙ୍କୁ ମହାକାଶକୁ ପଠାଇବା ପାଇଁ ଭାରତ ପ୍ରାୟ ୫ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ଚର୍ଚ୍ଚା ହେଉଛି। ନାସା, ଆକ୍ସିଅମ୍ ସ୍ପେସ ଓ ସ୍ପେସ ଏକ୍ସ ଓ ଇସ୍ରୋର ଏହା ଏକ ମିଳିତ ମିଶନ। ପ୍ରଥମେ ମେ ୨୯ରେ ଆକ୍ସିଅମ୍-୪ ଲଞ୍ଚ ପାଇଁ ତାରିଖ ସ୍ଥିର ହୋଇଥିବା ବେଳେ ଡ୍ରାଗନରେ ସମସ୍ୟା ଯୋଗୁ ଜୁନ ୮କୁ ଘୁଞ୍ଚା ଯାଇଥିଲା। ହେଲେ ଫାଲକନ-୯ ରକେଟ ପ୍ରସ୍ତୁତିରେ ବିଳମ୍ବ ହେବାରୁ ଜୁନ ୯ ତାରିଖକୁ ଘୁଞ୍ଚା ଯାଇଥିଲା। ହେଲେ ଖରାପ ପାଗ ଯୋଗୁ ପୁଣି ଜୁନ ୧୦କୁ ଘୁଞ୍ଚିଥିଲା ଆକ୍ସିଅମ୍-୪ ମିଶନ। ଜୁନ ୧୦ରେ ଫାଲକନ୍ ୯ ଲଞ୍ଚ ଯାନକୁ ଯାଞ୍ଚ କରିବା ବେଳେ ସେଥିରେ ବୈଷୟିକ ତ୍ରୁଟି ଦେଖା ଯାଇଥିଲା। ପରୀକ୍ଷଣ ସମୟରେ ପ୍ରପଲ୍ସନ ବେରେ ଲିକୁଇଡ ଅକ୍ସିଜେନ ଲିକେଜ ହେବାରୁ ଜୁନ ୧୧ ଓ ପରବର୍ତ୍ତୀ ସମୟରେ ଜୁନ ୧୨କୁ ଘୁଞ୍ଚା ଯାଇଥିଲା। ଏହିପରି ଭାବେ ମିଶନ ଜୁନ ୨୨ ପର୍ଯ୍ୟନ୍ତ ଘୁଞ୍ଚିଥିଲା। ଯେଉଁ ରକେଟରେ ମହାକାଶଚାରୀମାନେ ଆଇଏସଏସ ଯାତ୍ରା କରିଛନ୍ତି, ତାହା ହେଉଛି ଫାଲକନ ୯ ରକେଟ। ଏହା ଏକ ପୁନଃବ୍ୟବହାର ଯୋଗ୍ୟ ରକେଟ। ଏହାର ପ୍ରଥମ ପର୍ଯ୍ୟାୟରେ ବୁଷ୍ଟର ମିଶନରୁ ଅଲଗା ହେବା ପରେ ପୃଥିବୀକୁ ଫେରିବ। ପୁନଃନିର୍ମାଣ ପରେ ପୁଣି ବ୍ୟବହାର କରାଯିବ। ଚଳିତ ବର୍ଷ ଏପ୍ରିଲରେ ଷ୍ଟାରଲିଙ୍କ ମିଶନରେ ଏହି ରକେଟ ବ୍ୟବହାର ପରେ ଆକ୍ସିଅମ୍-୪ ମିଶନରେ ଏହା ଦ୍ୱିତୀୟ ଥର ବ୍ୟବହାର କରାଯିବ।

### ଶୁଭେଚ୍ଛା ଜଣାଇଲେ...

ଜଣାଇଛି। କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଉପରେ ଟ୍ୱିଟ୍ କରି କହିଛି ଯେ, ଏହି ମିଶନ କେବଳ ଏକ ଉଡ଼ାଣ ନୁହେଁ ବରଂ ଭାରତର ଆତ୍ମବିଶ୍ୱାସ ଏବଂ ସାହସର ପ୍ରତୀକ। ଆଇଏଏଫ୍ ଲେଖିଛି, ଆକାଶରୁ ତାରା ପର୍ଯ୍ୟନ୍ତ, ଏହି ଯାତ୍ରା ଆମର ବାୟୁ ଯୋଦ୍ଧାଙ୍କ ଶକ୍ତିର ପ୍ରତୀକ। ଶୁଭାଂଶୁ ପୁଣି ଥରେ ପୃଥିବୀରୁ ତ୍ରିରଙ୍ଗା ବାହାର କରୁଛନ୍ତି। ଏହା ୪୧ ବର୍ଷ ପରେ ରାକେଶ ଶର୍ମାଙ୍କ ମିଶନ ପରି ଏକ ଐତିହାସିକ ମୁହୂର୍ତ୍ତ।

### ଡିଜିଟାଲ ସେବା ପ୍ରଦାନରେ...

କାର୍ଯ୍ୟକାରୀ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କନକ ବର୍ଦ୍ଧନ ସିଂହଦେଓ କହିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ସାତ ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ତାଙ୍କର କାର୍ଯ୍ୟଧାରା ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରି ସେ କହିଲେ ବର୍ଷକ ମଧ୍ୟରେ ଆମେ ଯେଉଁ ସଫଳତା ହାସଲ କରିଛୁ, ସେଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ତେବେ, ଓଡିଶାକୁ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ରାଜ୍ୟ ହେବା ଆବଶ୍ୟକ। ତେଣୁ ଆମକୁ ଆହୁରି କଠୋର ପରିଶ୍ରମ କରିବାକୁ ପଡିବ ଓ ଆହୁରି ସଫଳତା ହାସଲ କରିବାକୁ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

### ସମ୍ବିଧାନ ହତ୍ୟା ଦିବସରେ...

ଏହି ଦିନକୁ 'ସଂବିଧାନ ହତ୍ୟା ଦିବସ' ଭାବେ ସ୍ମରଣ କରନ୍ତି। ଏହି ଦିନ ଭାରତୀୟ ସଂବିଧାନରେ ନିହିତ ମୂଲ୍ୟବୋଧକୁ ପଛକୁ ଠେଲି ଦିଆଯାଇଥିଲା, ମୌଳିକ ଅଧିକାରଗୁଡ଼ିକୁ ନିଲମ୍ବିତ କରାଯାଇଥିଲା, ଗଣମାଧ୍ୟମର ସ୍ୱାଧୀନତାକୁ ସମାପ୍ତ କରାଯାଇଥିଲା, ଏବଂ ଅନେକ ରାଜନୈତିକ ନେତା, ସାମାଜିକ କର୍ମୀ, ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକଙ୍କୁ ଜେଲ୍‌ରେ ଭର୍ତ୍ତି କରି ଦିଆଯାଇଥିଲା। ଏମିତି ଲାଗୁଥିଲା ଯେ ଯେମିତି କ୍ଷମତାରେ ଥିବା କଂଗ୍ରେସ ସରକାର ଗଣତନ୍ତ୍ରକୁ ବନ୍ଧକ ରଖିଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି କ୍ରୁର ଅଧ୍ୟାୟକୁ ସ୍ମରଣ କରି ଲେଖିଛନ୍ତି, 'ଯେତେବେଳେ ଜରୁରୀକାଳ ଲାଗୁ କରାଯାଇଥିଲା, ସେତେବେଳେ ମୁଁ ଆର.ଏସ.ଏସ୍.ର ଏକ ଯୁବ ପ୍ରଚାରକ ଥିଲି। ଜରୁରୀକାଳ ବିରୋଧୀ ଆନ୍ଦୋଳନ ମୋ ପାଇଁ ଗୋଟିଏ ଶିକ୍ଷାଦାୟକ ଅନୁଭବ ଥିଲା। ଏହା ଆମ ଗଣତାନ୍ତ୍ରିକ ଢାଞ୍ଚାକୁ ସୁରକ୍ଷିତ ରଖିବାର ଗୁରୁତ୍ୱକୁ ପୁନଃ ସ୍ଥାପିତ କରିଥିଲା। ଏହାସହିତ, ମୁଁ ରାଜନୈତିକ ସ୍ପେକ୍ଟ୍ରମର ସମସ୍ତ ଲୋକଙ୍କୁ ଦେଖିବା ଓ ଶିଖିବାର ଅବସର ପାଇଥିଲି। ମୋତେ ଖୁସି ଲାଗୁଛି ଯେ ବ୍ଲୁ କ୍ରାଫ୍ଟ ଡିଜିଟାଲ୍ ଫାଉଣ୍ଡେସନ୍ ଏହି ଅନୁଭବକୁ ଏକ ପୁସ୍ତକରେ ସଂକଳିତ କରିଛି, ଯାହାର ପ୍ରସ୍ତାବନା ଏଚ.ଡି. ଦେବେଗୌଡ଼ା ଜୀ ଲେଖିଛନ୍ତି, ଯିଏ ନିଜେ ଜରୁରୀକାଳ ବିରୋଧୀ ଆନ୍ଦୋଳନର ଜଣେ ଦିଗଜ ଥିଲେ।'

### ଆଜି ନବଯୌବନ...

ସଂଯୋଗ ହେବା ସହ ଭୋଇ ସେବକଙ୍କ ନବମ ହରିବୋଲରେ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ। ଅନ୍ୟପକ୍ଷରେ ରଥଯାତ୍ରାପାଇଁ ସବୁ ବିଭାଗ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ରେଳବାଇର ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ। ଟେକ୍ନୋଲୋଜି ବେସଡ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଚଳିତ ଥର ଫୋକସ୍ କରିଛି ରେଳବାଇ। ଫେସ୍ ରିଡ଼ିଂ ସିଷ୍ଟମ, ଆଣ୍ଟି କ୍ରାଇମ୍ ୟୁନିଟ୍ ସହ ୨୫୦ ସିସିଟିଭି ଫିଡ୍ ମାଧ୍ୟମରେ ରେଳବାଇ ଯାତ୍ରୀ ସୁରକ୍ଷା ପରିଚାଳିତ ହେବ। ଫାୟାର ଆମ୍ବୁଲାନ୍ସ ସହ ପ୍ରସ୍ତୁତ ରହିବ ୨ଟି ଷ୍ଟଲ୍‌ରେ ୨୪ ଘଣ୍ଟିଆ ଡାକ୍ତରୀ ସେବା, ନିୟମିତ ଟ୍ରେନ ବ୍ୟତୀତ ଗଡ଼ିବ ୩୬୫ ଅତିରିକ୍ତ ଟ୍ରେନ। ୧୯ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ଜଣେ ଏସପି ପାହ୍ୟାର ଅଧିକାରୀ ଓ ୩ଜଣ ଅତିରିକ୍ତ ଏସପି ପାହ୍ୟା ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ୬ଟି ହେଲ୍ପ ଡେସ୍କ ମଧ୍ୟ କାର୍ଯ୍ୟ କରିବ। ସେହିପରି ରଥଟଣାର ପ୍ରାକ୍ ଅଭ୍ୟାସ ସ୍ୱରୂପ ପୋଲିସ ବିଭାଗ ପକ୍ଷରୁ ମକ୍ ଡ୍ରିଲ୍ କରାଯାଇଛି। ତିନି ରଥକୁ ଟଣା ଯିବାର ପ୍ରକ୍ରିୟା, ବ୍ୟବସ୍ଥା ଓ କର୍ଡନର ସଠିକ୍ ସୁପରିଚାଳନା ବିଷୟରେ ଫୋର୍ସମାନଙ୍କୁ ଅବଗତ କରାଯିବା ସହ ତିନିଟି ଜିପକୁ ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ଭାବେ ପ୍ରତୀକାତ୍ମକ ରଥ କରି ଟଣାଯାଇଛି। ରଥ ଟଣା ସମୟରେ ଆଗରେ କ୍ଲିଅରାନ୍ସ ଟିମ୍, ପରେ ଡ୍ରାଗିଂ ଟିମ୍, ପରେ କର୍ଡନ୍ ଟିମ୍, ଏଭଳି ପର୍ଯ୍ୟାୟ କ୍ରମେ ରଥ ଚାରିପାଖେ ସୁରକ୍ଷା ବ୍ୟବସ୍ଥା ମୁତୟନ କରାଯିବ। ରଥ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ, ଏଡିଜି, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରଥ ଉପରୁ ଦିଆଯାଉଥିବା କମାଣ୍ଡ ଓ ଫ୍ଲାଗ ମୋମେଣ୍ଟ ଅନୁସାରେ ରଥ ଟଣା ପରିଚାଳନା କରିବାକୁ ବ୍ରିଫିଂ କରାଯାଇଛି। ଅନ୍ୟ ପକ୍ଷରେ ଗୁରୁବାର ଠାରୁ ଲାଗୁ ହେବ ଟ୍ରାଫିକ ନୀୟମାବଳି। ବ୍ରହ୍ମଗିରି, କୋଣାର୍କ ଓ ଭୁବନେଶ୍ୱର ତିନି ପଟରୁ ଆସୁଥିବା ଦୁଇ ଚକିଆ ଓ ଚାରି ଚକିଆ ଯାନ ପାଇଁ ଚିହ୍ନିତ ପାର୍କିଂ ସ୍ଥାନରେ ପାର୍କିଂ କରାଯାଇପାରିବ।

# ଡାଇରିଆ ନିରାକରଣ ଅଭିଯାନରେ ବସ୍ତି ଅଞ୍ଚଳକୁ ଫୋକସ

ଯାଜପୁର, (ଡିକେ ନ୍ୟୁଜ୍): ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ହୋଇଥିବା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଡ଼ିସଇନଫେକ୍ସନ ଓ ସଚେତନତା କାର୍ଯ୍ୟକ୍ରମକୁ ବସ୍ତି ଅଂଚଳରେ ଅଧିକ ଫୋକସ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେପରି ସରକାରୀ ଟ୍ୟୁବୱେଲ ଓ ପାଇପ ୱାଟର ସପ୍ଲାଏ ପାଣି ବ୍ୟବହାର କରିବା, ବାହାରେ ମାଳତ୍ୟାଗ ନକରିବା, ଫୁଟାଯାଇଥିବା ପାଣି ପିଇବା, ନଦୀ ଓ ପୋଖରୀ ଜଳ ବ୍ୟବହାର ନକରିବା,ଝାଡାବାନ୍ତି ହେଲେ ତୁରନ୍ତ ଡାକ୍ତରଖାନା ଯିବା ସମ୍ପର୍କରେ ବସ୍ତି ଅଂଚଳରେ ଲୋକଙ୍କୁ ସଚେତନ କରାଇବା। ଆଜିର ତଥ୍ୟ ଅନୁଯାୟୀ ଝାଡା ବାନ୍ତି ତଥା ଡାଇରିଆ ଯଥେଷ୍ଟ ଭାବରେ କମ ଥିବାର ଦେଖିବାକୁ ମିଳିଛି। ସଂକ୍ରମିତ ଅଞ୍ଚଳ ଓ ବିଦ୍ୟାଳୟମାନଙ୍କରେ ଡିସଇନଫେକ୍ସନ୍ ପ୍ରକ୍ରିୟା ଚାଲୁ ରହିଛି। ତୃତୀୟ ପର୍ଯ୍ୟାୟରେ ସରକାରୀ ନଳକୂପ ଗୁଡ଼ିକର ଡିସଇନଫେକ୍ସନ୍ କରାଯାଇଛି। ପାଣି ଦୂଷିତ ଥିବା ଅଞ୍ଚଳରେ ପାଣିକୁ ଫୁଟାଇ ପିଇବା ଏବଂ ନିୟମିତ ସାବୁନରେ ହାତ ଧୋଇବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପ୍ରାର୍ଥନା ସଭାରେ ପିଲାମାନଙ୍କୁ ସଚେତନ କରାଯିବା ନିମନ୍ତେ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସ୍କୁଲ୍ ମଧ୍ୟାହ୍ନ ଭୋଜନ ସମୟରେ କଞ୍ଚା ପରିବାକୁ ଭଲ ଭାବରେ ଧୋଇ ରାନ୍ଧି ପିଲାମାନଙ୍କୁ ଖାଇବାକୁ ଦବାକୁ, ବାହାର ଖାଦ୍ୟ ଖାଇବାକୁ ବାରଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମନିଟରିଂ ଟିମ୍ ପକ୍ଷରୁ ପ୍ରତିଦିନ ଏହାର ତଦାରଖ ଚାଲୁ ରହିବ। ବସ୍ତି ଅଞ୍ଚଳରେ ଅଧିକ ହାଲୋଜେନ ବଟିକା ବଣ୍ଟନ କରାଯିବ। ଗୁରୁତର ଭାବେ ପ୍ରଭାବିତ ହେଉଥିବା ରୋଗୀ ବ୍ୟବହାର କରୁଥିବା ଜଳଉତ୍ସ ଗୁଡ଼ିକୁ ତଦାରଖ କରାଯିବ। ଖୋଲା ସ୍ଥାନରେ ମଳ ତ୍ୟାଗ ନକରିବାକୁ ଜନସାଧାରଣଙ୍କୁ ସଚେତନ କରାଇବାକୁ ଏସଏଚଜି, ଆଶା, ଅଙ୍ଗନୱାଡି କର୍ମୀ ଏବଂ ବ୍ଲକସ୍ତରୀୟ କର୍ମଚାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବସ୍ତି ଅଞ୍ଚଳରେ ଶିକ୍ଷିତ ଯୁବବର୍ଗ ଓ ୱାର୍ଡ ମେମ୍ବରଙ୍କୁ ନେଇ ଆଇଇସି ଆକ୍ଟିଭିଟିଜ୍ ଦ୍ୱାରା ଜନ ସାଧାରଣଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ୬୮ଜଣ ନୂଆ ରୋଗୀ ଆଡମିଟ ହୋଇଥିବାବେଳେ ୫୮ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୧୦ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବା ରୋଗୀ ଆଡମିଟ ହୋଇଛନ୍ତି। ୧୦ ଜଣ ରୋଗୀଙ୍କୁ ରେଫେର କରାଯାଇଛି ଏବଂ ୭୪ ଜଣଙ୍କୁ ଡ଼ିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୦୭ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି ଯେଉଁଥିରେ ୧୦୬ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୦୧ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବାର ସୂଚନା ମିଳିଛି। ପଳସାହି ୱାର୍ଡ ନମ୍ବର ୧୬, ବରୀ ଅଂଚଳରେ ଜଣ୍ଡିସ ବ୍ୟାପୁଥିବା ଅଭିଯୋଗ ଆଧାରରେ ମେଡିକାଲ ଟିମ ୧୫ ଜଣକଂଠାରୁ ନମୁନା ପରୀକ୍ଷା କରିଥିଲେ ଏବଂ ସମସ୍ତ ନମୁନା ନେଗେଟିଭ ବାହାରିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ଏହି ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ, ଜିଲ୍ଲସ୍ତରୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ଓ ପରିମଳ ବିଭାଗ, ବିଡ଼ିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ



ମାଲକାନଗିରି, (ଡିକେ ନ୍ୟୁଜ୍): ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ମାଲକାନଗିରି ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ -ଜିଲ୍ଲାପାଳ, ଦୁର୍ଯ୍ୟଧନ ଭୋଇ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର (ରାଜସ୍ୱ), ସହକାରୀ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲାର ଅନ୍ୟାନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକରେ ରାଜସ୍ୱ ଆଦାୟ, ସରକାରୀ ଜମିରେ ହୋଇଥିବା ବେଆଇନ ଜବର ଦଖଲ ଉଚ୍ଛେଦ, ଆଦି ରାଜସ୍ୱ ବିଭାଗର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଜନସାଧାରଣ ହେଉଛନ୍ତି ରାଜା, ପ୍ରଶାସନ ହେଉଛନ୍ତି ସେମାନଙ୍କ ସେବକ। ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କ କାର୍ଯ୍ୟ ଶେଷ ହେବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ସମସ୍ତ ଯୋଜନାର ସଫଳ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।ଏଥିସହ ସ୍କୁଲ ପଟ୍ଟା ପ୍ରଦାନ ଅଭିଯାନ, ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବସୁନ୍ଧରା ଯୋଜନା ରେ ଯେପରି ଜଣେ ମଧ୍ୟ ହିତାଧିକାରୀ ବାଦ ନ ପଡିବେ, ସେଥିପ୍ରତି ଦୃଷ୍ଟି ଦେବାପାଇଁ ସମସ୍ତଙ୍କୁ ତାଗିଦ କରିଥିଲେ। ଜିଲ୍ଲାରେ ଯେଉଁ ସବୁ ପ୍ରକଳ୍ପ କାମ ଜମିଅଧିଗ୍ରହଣ ପାଇଁ ଅଟକି ରହିଛି ତୁରନ୍ତ ଜମିଅଧିଗ୍ରହଣ କାମ ସାରିବାକୁ କୁହାଯାଇଛି। ବିଶେଷ ଭାବେ ଜିଲ୍ଲାରେ ହେବାକୁ ଥିବା ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଛି। ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି। ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

**AFFIDAVIT**

I, MOHAMMAD ARMAN S/o-MD RAHAMAN resident of AT/ Po- Neulpur , Ps- Dharmasala ,Dist - Jajpur Pin-757024 Odisha declare by this affidavit No.6045 dtd.- 23/06/2025 that now onwards I shall be known as MOHAMMAD ARMAN instead of Mohhamed Arman for all future purposes.







# ପରାଜୟରୁ ଗିଲ୍ ଯୁଗ ଆରମ୍ଭ, ଇଂଲଣ୍ଡ ୫ ୱିକେଟରେ ଜିତିଲା



ଲିଡ୍ସ, ୨୫।୬ (ହି.ସ): ଲିଡ୍ସ ଲଢେଇ ଜିତିବାକୁ ୫ ଶତକ, ଗୋଟିଏ ପାଞ୍ଚ ୱିକେଟ୍ ସଫଳତା ପର୍ଯ୍ୟାପ୍ତ ହୋଇନି। ଦୁର୍ବଳ ଫିଲ୍ଡିଂ, ଠିକଣା ସମୟରେ କ୍ୟାଚ୍ ହାତଛଡ଼ା କରିବାର ଦୁର୍ବଳତା ଏବଂ ଅପ୍ରତ୍ୟାଶିତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଦୁର୍ଦ୍ଦଶା ସହ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କ ଉପରେ ମାତ୍ରାଧିକ ନିର୍ଭରଶୀଳ ରହିବାର ରୂପ ଆଗରେ ଏସବୁ ସ୍ମରଣୀୟ ସଫଳତା ଫିକା ପଡ଼ିଯାଇଛି। ସ୍କୋର୍ ବୋର୍ଡରେ ବଡ଼ ରନ୍ ସହ ପାଗ, ପରିବେଶ ଓ ପିଚ୍ ସବୁକିଛି ବୋଲିଂ ପାଇଁ ଅନୁକୂଳ ଥିଲେ ମଧ୍ୟ ଇଂଲଣ୍ଡ ଦ୍ୱିତୀୟ ପାଳିର ୧୦ ୱିକେଟ୍ ଝାଡ଼ିବାରେ ଅସମର୍ଥ ହୋଇ ଭାରତ ଏଠାରେ ୫ ୱିକେଟରେ ପରାଜିତ ହୋଇଛି। ୫ ଶତକ ପରେ ବି ମ୍ୟାଚ୍ ହାରିବାରେ ୧୪୮ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଦଳ ହୋଇଛି ଟିମ୍ ଇଣ୍ଡିଆ। ପାଳି ଗଢିବା ଏବଂ ଦଳୀୟ ଆବଶ୍ୟକତା ଅନୁସାରେ ଖେଳିବାର ଅପୂର୍ବ ଏକାଗ୍ରତା ପାଇଁ ଏକଦା ସବୁଦୃଷ୍ଟିରୁ ପଛୁଆ ଥିବା ଇଂଲଣ୍ଡର ଉତ୍କଣ୍ଠାପୂର୍ଣ୍ଣ ବିଜୟକୁ ନାଟକୀୟ ଭାବେ ଅଟକାଇ ପାରିନି ଗିଲ୍ ବାହିନୀ। ଯାହା ପ୍ରଶଂସକଙ୍କୁ ନିରାଶ ଏବଂ ବିଶେଷଜ୍ଞଙ୍କୁ ବିସ୍ମିତ କରିଛି। ସେହିଭଳି ଭାରତର ସର୍ବକନିଷ୍ଠ ଟେଷ୍ଟ ଅଧିନାୟକ ହେବାର ଗୌରବ ସହ ଅଧିନାୟକତ୍ୱର ପ୍ରଥମ ପାଳିରେ ଶତକ ହାସଲ କରିବାର ବିରଳ ରେକର୍ଡ କରିଥିବା ଯୁବ ଅଧିନାୟକ ଶୁବମନ୍ ଗିଲ୍ ପରାଜୟରୁ ନିଜ ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ପାଞ୍ଚ ଟିକିଆ ତେନ୍ଦୁଲକର-ଆଣ୍ଡରସନ୍ ଶୃଙ୍ଖଳାର ପ୍ରଥମ ମ୍ୟାଚକୁ ହାରି ୦-୧ରେ ପଛୁଆ ହୋଇଛି। ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ତାଲିକାରେ ଖାତା ଖୋଲି ପାରିନି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ଆକ୍ରମଣକୁ ଅସ୍ତ୍ର କରି ଅସାଧ୍ୟକୁ ସାଧ୍ୟ କରିଥିବା ଇଂଲଣ୍ଡ କଠିନ ପରିସ୍ଥିତିରେ ୩୭୧ ରନର ଲକ୍ଷ୍ୟକୁ ହାସଲ କରି ନୂଆ ଉଦାହରଣ ସୃଷ୍ଟି କରିଛି। ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବବୃହତ ପଶ୍ଚାତଧାବନ ହାସଲ କରିଛି ଇଂଲଣ୍ଡ। ଭାରତ ଏକ କଷ୍ଟକର ଲକ୍ଷ୍ୟ ଦେବା ପରେ ସୋମବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ବିନା କ୍ଷତିରେ ୨୧ ରନ୍ କରିଥିଲା ଇଂଲଣ୍ଡ। ମଙ୍ଗଳବାର ପଞ୍ଚମ ତଥା ଶେଷ ଦିନରେ ବିଜୟ ପାଇଁ ବେନ୍ ଷ୍ଟୋକ୍ସଙ୍କ ଦଳକୁ ଆଉ ୩୫୦ ରନର ଦରକାର ଥିଲା। ବେନ୍ ଡକେଟ୍ ଓ ଜ୍ୟାକ୍ କ୍ରଲି ଦ୍ରୁତ ଓ ଦମ୍‌ଦାର ବ୍ୟାଟିଂ କରି ପ୍ରଥମ ୱିକେଟରେ ୧୮୮ ରନ୍ ଯୋଡ଼ିବା ପରେ ହିଁ ଭାରତ ହାତରୁ ମ୍ୟାଚ୍ ଖସି ଯାଇଥିଲା। ବିଶେଷ କରି ଡକେଟ୍‌ଙ୍କ ୧୪୯ ରନର ଅବିଶ୍ୱସନୀୟ ପାଳି ଦୁଇ ଦଳ ମଧ୍ୟରେ ଫରକ ହୋଇଥିଲା। ଏକାଧିକ ଥର ବର୍ଷା ବ୍ୟାଘାତ ସତ୍ତ୍ୱେ ବୁମ୍ରା ୱିକେଟ୍ ଶୂନ୍ୟ ରହିବା ଭାରତକୁ ସବୁଠୁ ବେଶି ବାଧିଥିଲା। ପ୍ରସିଦ୍ଧ କ୍ରିଷ୍ଣା ପ୍ରଥମେ କ୍ରଲି ଓ ପରେ ଓଲି ପୋପ୍‌ଙ୍କୁ ଶସ୍ତାରେ ଆଉଟ୍ କରିଥିଲେ ମଧ୍ୟ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦିନର ଅଧିକାଂଶ ସମୟ ନିଷ୍ପ୍ରଭ ଥିବା ଶାର୍ଦ୍ଦୁଳ ଠାକୁର ଗୋଟିଏ ଓଭରରେ ଦୁଇଟି ୱିକେଟ୍ ନେବା ଏବଂ ରବୀନ୍ଦ୍ର ଜାଡ଼େଜା ପ୍ରତିପକ୍ଷ ଅଧିନାୟକ ଷ୍ଟୋକ୍ସଙ୍କୁ ଆଉଟ୍ କରି କିଛିଟା ରୋମାଞ୍ଚ ଭରିଥିଲେ। ତେବେ ନିର୍ଭରଯୋଗ୍ୟ ଜୋ ରୁଟ୍ ବରଫ ଭଳି ଶାନ୍ତ ଓ ସ୍ଥିର ରହି ଇଂଲଣ୍ଡ ପାଳିକୁ ଆଗେଇ ନେଇଥିଲେ। ଅର୍ଦ୍ଧଶତକ ଅର୍ଜନ କରି ନିଜ ଦଳକୁ ଶେଷରେ ରୋମାଞ୍ଚକ ବିଜୟ ଉପହାର ଦେଇଥିଲେ। ଭାରତ ପ୍ରଥମ ପାଳିରେ ଶେଷ ୭ ୱିକେଟ୍ ୪୧ ରନରେ ଏବଂ ଦ୍ୱିତୀୟ ପାଳିରେ ଶେଷ ୬ ୱିକେଟ୍ ୩୧ ରନରେ ହରାଇବା ଶେଷରେ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଛି।

# ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ, ସୁନାପୁଅ ନୀରଜ ଜିତିଲେ ଟାଇଟଲ



ନୂଆଦିଲ୍ଲୀ, ୨୫।୬ (ହି.ସ): ଡାଇମଣ୍ଡ ଲିଗ୍ ଜିତିବା ପରେ ପୁଣି କମାଲ କରିଛନ୍ତି ଭାରତର ଷ୍ଟାର ଜାଭେଲିନ ଫିଙ୍ଗାଳି ନୀରଜ ଚୋପ୍ରା। ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଟାଇଟଲ ହାତେଇଛନ୍ତି ଅଲିମ୍ପିଆନ ନୀରଜ। ଏହି ସିଜନରେ ନୀରଜଙ୍କର ଏହା ଲଗାତାର ଦ୍ୱିତୀୟ ବଡ଼ ବିଜୟ। ନିକଟରେ ପ୍ୟାରିସରେ ଆୟୋଜିତ ଡାଇମଣ୍ଡ ଲିଗରେ ଜର୍ମାନୀର ଜୁଲିୟନ ୱେବରଙ୍କୁ ହରାଇ ବିଜେତା ହୋଇଥିଲେ। ୬୪ତମ ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକରେ ଅଲିମ୍ପିଆନ ନୀରଜ ଚୋପ୍ରା ଟାଇଟଲ ବିଜେତା ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଡୌ ସ୍ମିତ୍ ଦ୍ୱିତୀୟ ଏବଂ ଗ୍ରାନାଡାର ଆଣ୍ଡରସନ୍ ପିଟର୍ସ ତୃତୀୟ ସ୍ଥାନ ହାସଲ କରିଥିଲେ। ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍ ହେଉଛି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁରର ଗୋଲ୍ଡ ଇଭେଣ୍ଟ। ନୀରଜ ପ୍ରଥମ ଥର ଭାଗ ନେଇ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ତାଙ୍କର ପ୍ରଥମ ପ୍ରୟାସ ଫାଉଲ ଥିଲା। ଦ୍ୱିତୀୟ ପ୍ରୟାସରେ ନୀରଜ ୮୩.୪୫ ମିଟର, ତୃତୀୟରେ ୮୫.୨୯ ମିଟର, ଚତୁର୍ଥରେ ୮୨.୧୭ ମିଟର ଏବଂ ପଞ୍ଚମରେ ୮୧.୦୧ ମିଟର ଥ୍ରୋ କରିଥିଲେ। ଷଷ୍ଠ ଥ୍ରୋ ଫାଉଲ ଥିଲା। ଡୌ ୮୪.୧୨ ମିଟର ଏବଂ ଆଣ୍ଡରସନ ୮୩.୬୩ ମିଟରର ଫିଙ୍ଗିଥିଲେ। ଗତ ୨୦ ତାରିଖରେ ପ୍ୟାରିସ ଡାଏମଣ୍ଡ ଲିଗରେ ୮୮.୧୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ। ଏହା ପୂର୍ବରୁ ୨୦୧୮ରେ ନୀରଜ ଚୋପ୍ରା ଆଇଏଏଏଫ କଣ୍ଟିନେଣ୍ଟାଲ କପ୍ ଜରିଆରେ ଓଷ୍ଟ୍ରାଭାରେ ଖେଳିଥିଲେ। ତାଙ୍କର ଥ୍ରୋ ୮୦.୨୪ ମିଟର ଥିଲା। ସେ ଷଷ୍ଠ ସ୍ଥାନ ହାସଲ କରିଥିଲେ। ଗୋଲ୍ଡେନ୍ ସ୍ପାଇକ୍ରେ ପ୍ରଥମ ଥର ଭାଗ ନେଇଥିଲେ। ଦୋହା ଡାଇମଣ୍ଡ ଲିଗ୍ ଜିତି ନୀରଜ ସିଜିନ୍ ଆରମ୍ଭ କରିଥିଲେ। ୯୦ ମିଟର ବିଶାଳ ଥ୍ରୋ କରି ଦୋହା ଡାଇମଣ୍ଡ ଲିଗ୍ ଜିତିଥିଲେ।

# କ୍ରିକେଟ ଦୁନିଆକୁ ଏଣ୍ଟ୍ରି କଲେ ସଲମାନ




ନୂଆଦିଲ୍ଲୀ, ୨୫।୬ (ହି.ସ): ଦେଶର ପ୍ରଥମ ଏବଂ ସର୍ବବୃହତ ଟେନିସ-ବଲ ଟି-୧୦ କ୍ରିକେଟ ଲିଗ - ଇଣ୍ଡିଆନ ଷ୍ଟ୍ରିଟ ପ୍ରିମିୟର ଲିଗ (ଆଇଏସ୍‌ପିଏଲ୍ ସିଜିନ ୩) ଏହାର ତୃତୀୟ ସିଜିନ ପୂର୍ବରୁ ଏକ ବଡ଼ ଘୋଷଣା କରିଛି। ବଲିଉଡ ସୁପରଷ୍ଟାର ସଲମାନ ଖାନ ଏବେ ଆଇଏସ୍‌ପିଏଲ୍‌ର ନୂଆ ଦିଲ୍ଲୀ ଫ୍ରାଞ୍ଚାଇଜର ମାଲିକ ହେବେ। ଏହି ନୂତନ ଦଳକୁ ଆଇଏସ୍‌ପିଏଲ୍‌ରେ ଏପରି ସମୟରେ ସାମିଲ କରାଯାଇଛି ଯେତେବେଳେ ଲିଗ ଏହାର ଦ୍ୱିତୀୟ ସିଜିନରେ ରେକର୍ଡ ଭାଙ୍ଗି ଲୋକପ୍ରିୟତା ହାସଲ କରିଛି। ଆଇଏସ୍‌ପିଏଲ୍‌ର ସିଜିନ ୨ ଟିଭିରେ ୨.୮ କୋଟିରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିଛି ଏବଂ ପ୍ରଥମ ସିଜିନ ତୁଳନାରେ ୪୭ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହା ଆଇଏସ୍‌ପିଏଲ୍‌କୁ ଦେଶର ସବୁଠାରୁ ବଡ଼ କ୍ରୀଡା ଏବଂ ମନୋରଞ୍ଜନ ମହୋତ୍ସବ ମଧ୍ୟରୁ ଗୋଟିଏ କରିଛି, ଯାହା ଦର୍ଶକଙ୍କୁ କ୍ରିକେଟ ସହିତ ସଙ୍ଗୀତ ଏବଂ ତାରକାଙ୍କ ସଙ୍ଗମର ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରେ। ସଲମାନ ଖାନଙ୍କ ସାମିଲ କେବଳ ନୂଆଦିଲ୍ଲୀ ଦଳକୁ ମଜବୁତ କରିବ ନାହିଁ, ବରଂ ସମଗ୍ର ଲିଗକୁ ଏକ ନୂତନ ଉତ୍ସାହ ଏବଂ ନୂତନ ପରିଚୟ ଦେବ। ଏବେ ସେ ଆଇଏସ୍‌ପିଏଲ୍‌ର ଅନ୍ୟ ଦଳଗୁଡ଼ିକର ମାଲିକ ଥିବା ସେଲିବ୍ରିଟିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏଥିରେ ଅମିତାଭ ବଚ୍ଚନ (ମାଝି ମୁମ୍ବାଇ), ସୈଫ ଅଲ୍ଲୀ ଖାନ ଏବଂ କରୀନା କପୁର ଖାନ (ଟାଇଗର୍ସ ଅଫ କୋଲକାତା), ଅକ୍ଷୟ କୁମାର (ଶ୍ରୀନଗର କେ ବୀର), ସୂର୍ଯ୍ୟା (ଚେନ୍ନାଇ ସିଂଘମ୍ସ), ହ୍ରିତିକ ରୋଶନ (ବାଙ୍ଗାଲୋର ଷ୍ଟ୍ରାଇକର୍ସ) ଏବଂ ରାମ ଚରଣ (ଫାଲକନ ରାଇଜର୍ସ ହାଇଦ୍ରାବାଦ) ଭଳି ନାମ ଅନ୍ତର୍ଭୁକ୍ତ। ହିନ୍ଦୀ ସିନେମାର ତାରକା ସଲମାନ ଖାନ କହିଛନ୍ତି, କ୍ରିକେଟ ହେଉଛି ପ୍ରତ୍ୟେକ ଭାରତୀୟ ରାସ୍ତାର ହୃଦସ୍ପନ୍ଦନ, ଏବଂ ଯେତେବେଳେ ସେହି ଶକ୍ତି ଷ୍ଟାଡିୟମରେ ପହଞ୍ଚିଥାଏ, ଆଇଏସ୍‌ପିଏଲ୍ ଭଳି ଏକ ଲିଗ ଜନ୍ମ ହୁଏ। ମୁଁ ସର୍ବଦା ଖେଳ ପ୍ରତି ଉତ୍ସାହୀ, ଏବଂ ଆଇଏସ୍‌ପିଏଲ୍ ସହିତ ଜଡିତ ହୋଇ ମୁଁ ଅତ୍ୟନ୍ତ ଖୁସି। ଏହି ଲିଗ କେବଳ ତୃଣମୂଳ ସ୍ତରରେ କ୍ରିକେଟକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଏକ ଦୃଢ଼ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରେ। ଏହା କେବଳ ଆରମ୍ଭ - ସିଜିନ ୩ ସହିତ, ଦର୍ଶକମାନେ ଆମ ଦଳ ବିଷୟରେ ଅଧିକ ଜାଣିପାରିବେ ଏବଂ ସେମାନଙ୍କ ସହିତ ଗଭୀର ସମ୍ପର୍କ ସ୍ଥାପନ କରିବେ।

# ପୋଲାର୍ଡଙ୍କ ବିରଳ ରେକର୍ଡ : ୭୦୦ ଟି-ଟ୍ୱେଣ୍ଟି ଖେଳିବାରେ ପ୍ରଥମ ଖେଳାଳି



ନୂଆଦିଲ୍ଲୀ, ୨୫।୬ (ହି.ସ): ଆମେରିକାରେ ଚାଲିଥିବା ମେଜର ଲିଗ୍ କ୍ରିକେଟ (ଏମ୍‌ଏଲସି) ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜର ପ୍ରସିଦ୍ଧ ଅଲରାଉଣ୍ଡର କିରଣ ପୋଲାର୍ଡ ଏକ ବିରଳ ରେକର୍ଡ଼ କରିଛନ୍ତି। ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ୭୦୦ ଟି-ଟ୍ୱେଣ୍ଟି ଖେଳିଛନ୍ତି। ଏମ୍‌ଆଇ ନ୍ୟୁୟର୍କ ପକ୍ଷରୁ ଖେଳୁଥିବା ପୋଲାର୍ଡ ମଙ୍ଗଳବାର ସାନ୍ ଫ୍ରାନ୍‌ସିସ୍କୋ ୟୁନିକର୍ଣ୍ଣସ ବିପକ୍ଷ ମ୍ୟାଚରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଉକ୍ତ ମ୍ୟାଚରେ ସେ ୨ଟି ୱିକେଟ୍ ନେବା ସହ ଅପରାଜିତ ୩୪ରନ୍ କରିଥିଲେ। ମାତ୍ର ଏମ୍‌ଆଇ ନ୍ୟୁୟର୍କ ୪୭ରନରେ ଏହି ମ୍ୟାଚ୍ ପରାଜିତ କରିଥିଲା। ପୋଲାର୍ଡ ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟରେ ୭୦୦ ମ୍ୟାଚ୍ ଖେଳି ୧୩୬୭୮ ରନ୍ ସଂଗ୍ରହ କରିସାରିଲେଣି। ସେ ଗୋଟିଏ ଶତକ ଏବଂ ୬୭ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ବୋଲିଂରେ ସେ ୩୨୮ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଅନ୍ୟ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଦ୍ୱିତୀୟ ସର୍ବାଧିକ ୫୮୨ଟି ମ୍ୟାଚ୍ ଖେଳିଥିବାବେଳେ ପାକିସ୍ତାନର ସୋଏବ ମଲିକ ୫୫୭ଟି ମ୍ୟାଚ୍ ସହ ତୃତୀୟ, ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ୫୫୬ଟି ମ୍ୟାଚ୍ ସହ ଚତୁର୍ଥ, ସୁନୀଲ ନାରାଏନ ୫୫୧ଟି ମ୍ୟାଚ୍ ସହ ପଞ୍ଚମ, ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲର ୫୩୦ଟି ମ୍ୟାଚ୍ ସହ ଷଷ୍ଠ, ଇଂଲଣ୍ଡର ଆଲେକ୍ସ ହେଲ୍ସ ୫୦୦ ମ୍ୟାଚ୍ ସହ ସପ୍ତମ ସ୍ଥାନରେ ରହିଛନ୍ତି। ଭାରତ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୪୬୩ଟି ଟି-ଟ୍ୱେଣ୍ଟି ଖେଳିଛନ୍ତି।

# ସୌରଭ ଗାଙ୍ଗୁଲି ବାୟୋପିକରେ ଅଭିନୟ କରିବେ ରାଜକୁମାର




ମୁମ୍ବାଇ, ୨୫।୬ (ହି.ସ): ବଲିଉଡର ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ନିର୍ମିତ ଏକ ବାୟୋପିକରେ ତାଙ୍କ ଚରିତ୍ରରେ ଅଭିନୟ କରିବେ। ଏକ ସାକ୍ଷାତକାରରେ ରାଜକୁମାର ଏହି ଖବରକୁ ନିଶ୍ଚିତ କରିଛନ୍ତି। ଯେହେତୁ ଦାଦା (ସୌରଭ ଗାଙ୍ଗୁଲି) ଏହା କହି ସାରିଛନ୍ତି, ମୁଁ ମଧ୍ୟ ଏହାକୁ ଆନୁଷ୍ଠାନିକ କରୁଛି - ହଁ, ମୁଁ ତାଙ୍କ ବାୟୋପିକରେ ତାଙ୍କ ଚରିତ୍ରରେ ଅଭିନୟ କରୁଛି, ରାଜକୁମାର କହିଛନ୍ତି। ଏହି ଭୂମିକା ପାଇଁ ସେ ଅତ୍ୟନ୍ତ ନର୍ଭସ ଥିବା ସ୍ୱୀକାର କରିଛନ୍ତି, କିନ୍ତୁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ମଧ୍ୟ ଉତ୍ସାହିତ। ମୁଁ ନର୍ଭସ ଏହା ଏକ ବିଶାଳ ଦାୟିତ୍ୱ, କିନ୍ତୁ ଏହା ବହୁତ ମଜାଦାର ହେବ, ସେ କହିଛନ୍ତି। ସାକ୍ଷାତକାର ସମୟରେ ରାଜକୁମାର ତାଙ୍କ ବଙ୍ଗଳା ଭାଷା ଦକ୍ଷତା ପ୍ରଦର୍ଶନ କରି ପ୍ରଶଂସକମାନଙ୍କୁ ଖୁସି କରିଛନ୍ତି। ତାଙ୍କ ପତ୍ନୀ ଅଭିନେତ୍ରୀ ପତ୍ରଲେଖା, ଯିଏ ବଙ୍ଗଳୀ, ତାଙ୍କ ଠାରୁ ସେ ଏହି ଭାଷା ଶିଖୁଛନ୍ତି। ରାଜକୁମାର ପରଦାରେ ବଙ୍ଗଳା ଉଚ୍ଚାରଣ ଠିକ୍ କରିବା ପାଇଁ ଆତ୍ମବିଶ୍ୱାସୀ ବୋଲି ମଧ୍ୟ କହିଛନ୍ତି। ଭାରତର ଅତ୍ୟନ୍ତ ସଫଳ କ୍ରିକେଟ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ସୌରଭ ଗାଙ୍ଗୁଲି ନିକଟରେ ରାଜକୁମାରଙ୍କ ଚୟନକୁ ସମର୍ଥନ କରିଛନ୍ତି। ମୁଁ ଭାବୁଛି ସଠିକ୍ ବ୍ୟକ୍ତି ଏହା କରୁଛନ୍ତି ମୁଁ ତାଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବି, ଗାଙ୍ଗୁଲି କହିଛନ୍ତି। ୧୯୯୨ରୁ ୨୦୦୮ ମଧ୍ୟରେ ଭାରତ ପାଇଁ ଖେଳିଥିବା ଏହି ପୂର୍ବତନ ଅଧିନାୟକ ପ୍ରକାଶ କରିଛନ୍ତି ଯେ ଚଳଚ୍ଚିତ୍ରଟି ୨୦୨୬ ଜାନୁଆରୀରେ ଶୁଟିଂ ଆରମ୍ଭ କରିବ ଏବଂ ଡିସେମ୍ବର ୨୦୨୬ରେ ଥିଏଟରରେ ମୁକ୍ତିଲାଭ କରିବ। ଗାଙ୍ଗୁଲି ଆହୁରି କହିଛନ୍ତି, ରାଜକୁମାରଙ୍କୁ ଚଳଚ୍ଚିତ୍ର ପାଇଁ ଚୂଡ଼ାନ୍ତ କରାଯାଇଛି। ମୋ ଭୂମିକା ପାଇଁ ତାଙ୍କ ଠାରୁ ଉତ୍ତମ ଆଉ କେହି ନାହାନ୍ତି। ସୌରଭ ଏହି ବାୟୋପିକର ସୃଷ୍ଟିଜନାତ୍ମକ ପ୍ରକ୍ରିୟାରେ ନିବିଡ଼ ଭାବେ ଜଡ଼ିତ ଅଛନ୍ତି, ଯାହା କୋଲକାତାର ରାସ୍ତାଘାଟରୁ ଭାରତୀୟ କ୍ରିକେଟର ଉଚ୍ଚ ଶିଖରକୁ ତାଙ୍କ ଯାତ୍ରାକୁ ଚିତ୍ରଣ କରିବ। ଏହି ଚଳଚ୍ଚିତ୍ର, ଯାହାର ନାମ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ, ଏହାର ନିର୍ଦ୍ଦେଶନା ଦେବେ ବିକ୍ରମାଦିତ୍ୟ ମୋଟୱାନେ। ଏହା ପୂର୍ବରୁ ରାଜକୁମାର ରାଓ ପରଦାରେ ବାସ୍ତବ ଚରିତ୍ରରେ ଅଭିନୟ କରିଛନ୍ତି। ସେ ଆଗରୁ ଓକିଲ-ମାନବାଧିକାର କର୍ମୀ ଶାହିଦ ଆଜମି ('ଶାହିଦ'), ଆତଙ୍କବାଦୀ ଆହମଦ ଓମର ସଈଦ ଶେଖ ('ଓମେର୍ଟା') ଏବଂ ଦୃଷ୍ଟିହୀନ ଶିଳ୍ପପତି ଶ୍ରୀକାନ୍ତ ବୋଲା (ଶ୍ରୀକାନ୍ତ) ଭଳି ଚରିତ୍ରେ ଅଭିନୟ କରି ପ୍ରଶଂସା ପାଇଛନ୍ତି।

# ରାଷ୍ଟ୍ରପତି ଭବନରେ 'ସିତାରେ ଜମୀନ ପର'ର ସ୍ପେଶାଲ ସ୍କ୍ରିନିଂ



ପାଟନା, ୨୫।୬ (ହି.ସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ବଲିଉଡର ଖ୍ୟାତନାମା ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଆମିର ଖାନଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ନୂତନ ଚଳଚ୍ଚିତ୍ର 'ସିତାରେ ଜମୀନ ପର'ର ଏକ ସ୍ପେଶାଲ ସ୍କ୍ରିନିଂରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଆମିର ଖାନଙ୍କ ସହ ଏକ ଫଟୋ ସେୟାର କରାଯାଇଛି। 'ସିତାରେ ଜମୀନ ପର' ହେଉଛି ଆମିର ଖାନଙ୍କ ଆଇକନିକ ୨୦୦୭ ଚଳଚ୍ଚିତ୍ର 'ତାରେ ଜମୀନ ପର'ର ସିକ୍ୱେଲ। ଏହି ଚଳଚ୍ଚିତ୍ର ନ୍ୟୁରୋଡାଇଭରଜେଣ୍ଟ ବ୍ୟକ୍ତିଙ୍କୁ ନେଇ ନିର୍ମିତ ହୋଇଛି ଏବଂ ବିବିଧତା, ସମାନତା ଓ ସମାବେଶୀକରଣର ବାର୍ତ୍ତା ପ୍ରଦାନ କରୁଛି। ଏହାର ହୃଦୟସ୍ପର୍ଶୀ କାହାଣୀ ଓ ଶିକ୍ଷଣୀୟ ମୂଲ୍ୟ ପାଇଁ ଏହାକୁ ଦର୍ଶକ ଓ ସମୀକ୍ଷକଙ୍କ ତରଫରୁ ବ୍ୟାପକ ପ୍ରଶଂସା ମିଳିଛି। ଆମିର ଖାନ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ 'ସିତାରେ ଜମୀନ ପର'ରେ ଆମିର ଖାନ ଏକ ଜୁନିଅର ବାସ୍‌କେଟବଲ କୋଚ ଗୁଲଶନ ଅରୋରାଙ୍କ ଚରିତ୍ରରେ ଅଭିନୟ କରିଛନ୍ତି, ଯିଏ ଡାଉନ ସିଣ୍ଡ୍ରୋମ ଥିବା ପିଲାମାନଙ୍କୁ ବାସ୍‌କେଟବଲ ଶିଖାଉଛନ୍ତି। ଏହି ଚଳଚ୍ଚିତ୍ରରେ ଜେନେଲିଆ ଡି'ସୁଜା ଆମିରଙ୍କ ପତ୍ନୀଙ୍କ ଚରିତ୍ରରେ ଏବଂ ଡଲି ଅହଲୁୱାଲିଆ ତାଙ୍କ ମା'ଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଏହା ସହିତ ୧୦ଜଣ ନୂତନ କଳାକାର- ଅରୁଶ ଦତ୍ତା, ଗୋପୀ କୃଷ୍ଣ ବର୍ମା, ସଂବିତ ଦେସାଇ, ବେଦାନ୍ତ ଶର୍ମା, ଆୟୁଷ ଭନସାଲି, ଆଶୀଷ ପେଣ୍ଡସେ, ଋଷି ଶାହନୀ, ଋଷଭ ଜୈନ, ନମନ ମିଶ୍ରା ଓ ସିମରନ ମଙ୍ଗେଶକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଆରଏସ ପ୍ରସନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ, ଯିଏ ପୂର୍ବରୁ 'ଶୁଭ ମଙ୍ଗଲ ସାବଧାନ' ଭଳି ବ୍ଲକବଷ୍ଟର ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି।

# ଅଶ୍ଲୀଳ ମନ୍ତବ୍ୟ ଦେଇ ପ୍ରମୋସନରୁ ବାଦ ପଡ଼ିଲେ ରାମ କପୁର




ନୂଆଦିଲ୍ଲୀ, ୨୫।୬ (ହି.ସ): ଅଭିନେତା ରାମ କପୁରଙ୍କୁ ଏକ ପ୍ରମୋସନାଲ କାର୍ଯ୍ୟକ୍ରମରେ ବିବାଦୀୟ ଓ ଅଶ୍ଲୀଳ ମନ୍ତବ୍ୟ ଦେବା ମହଙ୍ଗା ପଡ଼ିଛି। ସୂଚନାଯୋଗ୍ୟ, ରାମ କପୁର ଏବଂ ମୋନା ସିଂହ ପ୍ରମୋସନ ପାଇଁ ମୁମ୍ବାଇର ଜେଡବ୍ଲୁ ମ୍ୟାରିଅଟ୍ ହୋଟେଲରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ରାମ କପୁର କହିଥିବା କଥା ବିବାଦୀୟ ଥିବା ସହିତ ଅଶ୍ଲୀଳ ଥିବା ଅଭିଯୋଗ ହୋଇଛି। ଜିଓ ହଟଷ୍ଟାରର ପିଆର ଟିମ୍ ସହିତ କଥାବାର୍ତ୍ତା ସମୟରେ ରାମ କପୁର ଜଣେ ମହିଳାଙ୍କ ପୋଷାକ ଦେଖି ବିଭ୍ରାନ୍ତିକର ବୋଲି କହିଥିଲେ। ଜିଓ ହଟଷ୍ଟାରର ଟିମ୍ ସଦସ୍ୟ କହିଛନ୍ତି ଯେ ରାମ କପୁରଙ୍କ ଏପରି ଅଶ୍ଲୀଳ ମନ୍ତବ୍ୟ ଦେଖି ସମଗ୍ର ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲା। କେବଳ ଏତିକି ନୁହେଁ ରାମ କପୁରଙ୍କ କ୍ରମାଗତ ସାକ୍ଷାତକାର ଥିଲା। ତେଣୁ ଜଣେ ମହିଳା ସାମ୍ବାଦିକା ରାମଙ୍କ ପୋଷାକରେ ମାଇକ୍ ଲଗାଇଥିଲେ। ଏହି ସମୟରେ ରାମ କହିଥିଲେ, 'ଯେମିତି ଲାଗୁଛି ମୋ ସହିତ ଏହା ଗଣଦୁଷ୍କର୍ମ ହେଉଛି। ରାମ କପୁର ଉକ୍ତ କାର୍ଯ୍ୟକ୍ରମରେ ଜଣେ ପୁରୁଷ ସଦସ୍ୟଙ୍କୁ ଥଟ୍ଟା କରି କହିଥିଲେ ଯେ ତାଙ୍କ ମାଆ ସେହି ରାତିରେ ମୁଣ୍ଡବିନ୍ଧାର ବାହାନା କରିବା ଉଚିତ ଥିଲା, ଯାହା ଯୋଗୁଁ ସେ ଜନ୍ମ ହୋଇ ନଥାନ୍ତେ। ଟିମର ଅଭିଯୋଗ ପରେ ଜିଓ ହଟଷ୍ଟାରର ଏଚ୍‌ଆର୍ ଟିମ୍ ଏହି ବିଷୟରେ ଆଲୋଚନା କରି ରାମ କପୁରଙ୍କୁ ସିରିଜର ପ୍ରମୋସନରୁ ଦୂରେଇ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତାଙ୍କୁ କୌଣସି ପ୍ରମୋସନଲ୍ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ଏବେ ମୋନା ସିଂହ ଏକା ପ୍ରମୋସନ କରିବେ। ରାମ କପୁର ମିସ୍ତ୍ରୀ ସିରିଜ୍ ଜରିଆରେ ପୁଣି ଅଭିନୟକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଧାରାବାହିକ ଜୁନ୍ ୨୭ ତାରିଖରେ ଜିଓ ହଟଷ୍ଟାରରେ ପ୍ରମୋସନ ହେବ। ଯେଉଁଥିରେ ମୋନା ସିଂହ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik